ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

RNI REGD. No. : ODIODI/2020/78909

# ନିଷ୍କର୍ଷ
NISHKARSHA

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE-17 ♦ CUTTACK ♦ WEEKLY ♦ 22 TO 28 - APRIL 2024 ♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୧୭ ♦ କଟକ ♦ ସାପ୍ତାହିକ ♦ ୨୨ ରୁ ୨୮- ଏପ୍ରିଲ ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ଟେକ୍ ସିଟିକୁ ଟ୍ୟାଙ୍କର ସିଟିରେ ପରିଣତ କରି ଦେଇଛି କଂଗ୍ରେସ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ(ଏଜେନ୍ସି) :** କିଛି ସପ୍ତାହ ତଳେ ଜଳ ସଙ୍କଟକୁ ନେଇ ବେଙ୍ଗାଲୁରୁ ଚର୍ଚ୍ଚାରେ ରହିଥିଲା । ସହରର ଲୋକେ ବାଲ୍ଟି ଓ ଅନ୍ୟାନ୍ୟ ପାତ୍ର ଧରି ପାଣି ଟ୍ୟାଙ୍କର ପାଖରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ । ଆଉ ଏହାକୁ ନେଇ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର କଂଗ୍ରେସ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । କଂଗ୍ରେସ ଟେକ୍ ସିଟିକୁ ଟ୍ୟାଙ୍କର ସିଟିରେ ପରିଣତ କରି ଦେଇଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ପାଲଟା ଆକ୍ରମଣ କରି କହିଛନ୍ତି ଯେ ଯେତେବେଳେ ରାଜ୍ୟ ବନ୍ୟା ଓ ମରୁଡ଼ି ସଙ୍କଟ ଦେଇ ଗତି କରୁଥିଲା ସେତେବେଳେ ପ୍ରଧାନମନ୍ତ୍ରୀ କେଉଁଠି ଥିଲେ ।

ବେଙ୍ଗାଲୁରୁରେ ଥିବା ୪ଟି ଲୋକସଭା ଆସନ ପାଇଁ ଏପ୍ରିଲ ୨୬ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ତା' ପୂର୍ବରୁ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ରାଜ୍ୟକୁ ଗ୍ରୀନ୍ ଏନର୍ଜି ହବ୍, ଫାର୍ମା ହବ୍, ଇଲେକ୍ଟ୍ରୋନିକ୍ସ ହବ୍, ଇଲେକ୍ଟ୍ରିକାଲ୍ ଭେଇକଲ ହବ୍, ସେମିକଣ୍ଡକ୍ଟର ହବ୍ ଓ ଗ୍ଲୋବାଲ୍ ଇନୋଭେସନ୍ ହବ୍ କରିବାକୁ ଚାହୁଁଛନ୍ତି । ଫଳରେ ଭାରତ ଗ୍ଲୋବାଲ୍ ଇକୋନୋମୀ ହବରେ ପରିଣତ ହୋଇପାରିବ । କିନ୍ତୁ କଂଗ୍ରେସ ଓ ଇଣ୍ଡି ମେଣ୍ଟର ନେତାମାନେ କହୁଛନ୍ତି ଯେ ସେମାନେ ମୋଦିଙ୍କୁ ହଟାଇ ଦେବେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୋଦି ଗ୍ୟାରେଣ୍ଟି ଯୋଗୁ ୫ଜି ପରେ ଏବେ ଦେଶରେ ୬ଜି ଆସିବାକୁ ଯାଉଛି । କିନ୍ତୁ ସେମାନେ କହୁଛନ୍ତି ମୋଦିଙ୍କୁ ହଟାଇ ଦେବେ । ଏହା ହେଉଛି ମୋଦି ଗ୍ୟାରେଣ୍ଟି ଯାହା ଚନ୍ଦ୍ରଯାନ ପରେ ଗଗନଯାନ ଭାରତକୁ ଗୌରବାନ୍ୱିତ କରିବ । କିନ୍ତୁ ସେମାନେ କହୁଛନ୍ତି ମୋଦିଙ୍କୁ ହଟାଅ । କଂଗ୍ରେସ ଯୁବ ବିରୋଧୀ । କାରଣ ଏହି ଦଳ ନିବେଶ ବିରୋଧୀ ଓ ଶିଳ୍ପ ବିରୋଧୀ । ମିଶନ ୨୦୪୭ ପାଇଁ ସେ ଦିନ ରାତି ୨୪ ଘଣ୍ଟା କାମ କରୁଛନ୍ତି ବୋଲି କହୁଛନ୍ତି । ସେ ଆହୁରି କହିଛନ୍ତି, କଂଗ୍ରେସ ଟେକ୍ ସିଟିକୁ ଟ୍ୟାଙ୍କର ସିଟିରେ ପରିଣତ କରି ଦେଇଛି । କୃଷି ଠାରୁ ଆରମ୍ଭ କରି ସହରାଞ୍ଚଳର ଭିତ୍ତିଭୂମି ସବୁ କ୍ଷେତ୍ରରେ ବଜେଟ୍ରୁ ହ୍ରାସ କରି ଦେଇଛି କଂଗ୍ରେସ । କଂଗ୍ରେସ କେବଳ ଦୁର୍ନୀତି ଉପରେ ଧ୍ୟାନ କେନ୍ଦ୍ରିତ କରେ । ବେଙ୍ଗାଲୁରୁର ସମସ୍ୟା ଉପରେ କଂଗ୍ରେସର ଆଦୌ ଧ୍ୟାନ ନାହିଁ । ଏଠାରେ କେବଳ କେନ୍ଦ୍ର ସରକାରଙ୍କ ପ୍ରକଳ୍ପଗୁଡ଼ିକର କାମ ଦ୍ରୁତ ଗତିରେ ଆଗେଇ ଚାଲିଛି । କର୍ଣ୍ଣାଟକାର କଂଗ୍ରେସ ସରକାରଙ୍କ ଚିନ୍ତାଧାରା ଭାରି ବିପଜ୍ଜନକ । ଏଠାରେ ଆମ ଝିଅମାନଙ୍କ ଉପରକୁ ଆକ୍ରମଣ ହେଉଛି,

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଜଳୁଛି ଓଡ଼ିଶା : ସାଢ଼େ ୧୧ରେ ୪୧ ଛୁଇଁଲା ତାତି




**ଭୁବନେଶ୍ୱର(ଏନ୍.ଏମ୍.) :** ସପ୍ତାହେ ହେଲାଣି ରାଜ୍ୟରେ ପ୍ରବଳ ଖରା ହେଉଛି । ତାପମାତ୍ରା ୪୫ ଡିଗ୍ରୀ ଟପି ଗଲାଣି । ଆଜି ମଧ୍ୟ ଏଥିରୁ ନିସ୍ତାର ମିଳି ନାହିଁ । ଆଜି ସକାଳୁ ଖରାର ପ୍ରକୋପ ଅନୁଭୂତ ହେଉଛି । ଦିନ ସାଢ଼େ ୧୧ଟା ସୁଦ୍ଧା ଝାରସୁଗୁଡ଼ା ଓ କେନ୍ଦୁଝରରେ ତାପମାତ୍ରା ୪୧ ଡିଗ୍ରୀ ଛୁଇଁ ସାରିଲାଣି । ଗତକାଲି ଏହି ଦୁଇ ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ଯଥାକ୍ରମେ ୪୩.୨ ଓ ୪୩.୫ ଡିଗ୍ରୀ ରହିଥିଲା । ଆଜି ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଓ କେନ୍ଦୁଝରରେ ୪୨ ଡିଗ୍ରୀ ରହିବ ବୋଲି ଗତକାଲି ଆକଳନ କରିଥିଲା ପାଣିପାଗ ବିଭାଗ । ଅନ୍ୟପକ୍ଷରେ ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ଭୁବନେଶ୍ୱରରେ ତାପମାତ୍ରା ୪୦.୭ ଡିଗ୍ରୀ ରହିଥିବା ବେଳେ ବାଲେଶ୍ୱରରେ ୪୦.୧, ରାଉରକେଲାରେ ୩୯.୬, ଚାନ୍ଦବାଲିରେ ୩୯.୨, ସମ୍ବଲପୁରରେ ୩୮.୨, ହୀରାକୁଦରେ ୩୭.୮, ପୁରୀରେ ୩୪.୪, ପାରାଦୀପରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଚାଲିଥିଲା ଟ୍ରମ୍ପଙ୍କ ଶୁଣାଣି, କୋର୍ଟ ବାହାରେ ନିଜକୁ ଜାଳି ଦେଲେ ଯୁବକ



**ନ୍ୟୁୟର୍କ(ଏଜେନ୍ସି) :** ଚାଲିଥିଲା ଆମେରିକାର ପୂର୍ବତନ ରାଷ୍ଟ୍ର ଡୋନାଲ୍ଡ ଟ୍ରମ୍ପଙ୍କ ଲାଞ୍ଚ ଟଙ୍କା ମାମଲାର ଶୁଣାଣି । ଏତିକି ବେଳେ କୋର୍ଟ ବାହାରେ ନିଆଁ ଲଗାଇ ନିଜକୁ ଜାଳି ଦେଲେ ଯୁବକ । ଶୁକ୍ରବାର ନ୍ୟୁୟର୍କର ମ୍ୟାନହଟ୍ଟନ କୋର୍ଟ ବହାରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଏହାକୁ ନେଇ ଚାରିଆଡେ଼ ଆତଙ୍କ ଖେଳି ଯାଇଛି । ଆତ୍ମାହୃତି ଦେଇଥିବା ଯୁବକ ଜଣକର ମୃତ୍ୟୁ ହୋଇଛି । ପ୍ରକୃତରେ ଶୁକ୍ରବାର ମ୍ୟାନହଟ୍ଟନ କୋର୍ଟରେ ଟ୍ରମ୍ପଙ୍କ ପର୍ଣ୍ଣ ଷ୍ଟାର୍କୁ ଗୁପ୍ତ ରୂପେ ଟଙ୍କା ଦେବା ମାମଲାର ଶୁଣାଣି ଚାଲିଥିଲା । ଏତିକି ବେଳେ କୋର୍ଟ ବାହାରେ ଜଣେ ଯୁବକ ପ୍ରଥମେ କିଛି କାଗଜ ଉଡାଇଥିଲେ । ଏହାପରେ ସେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ । ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ମୁତାବକ, କୋର୍ଟ ବାହାରେ ନିଜକୁ ନିଆଁ ଲଗାଇ ଦେଇଥିବା ବ୍ୟକ୍ତି ଜଣକ ପ୍ରାୟ ୩ରୁ ୪ ମିନିଟ୍ ଧରି ହୁ ହୁ ହୋଇ ଜଳିଥିଲେ । ପରେ ସୂଚନା ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ନିଆଁ ଲିଭାଇବାକୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## 'ମୋ ପତ୍ନୀଙ୍କୁ ଟଏଲେଟ କ୍ଲିନର ମିଶା ଖାଦ୍ୟ ଦିଆଯାଇଛି' - ଇମ୍ରାନ





**କରାଚୀ(ଏଜେନ୍ସି) :** ମୋ ପତ୍ନୀଙ୍କ ଖାଦ୍ୟରେ ଟଏଲେଟ୍ କ୍ଲିନର ମିଶାଇ ଖାଇବାକୁ ଦିଆଯାଉଛି । ଏଥିପାଇଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଛି । ଏଭଳି କିଛି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ । ଜେଲରେ ବନ୍ଦ ଥିବା ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଇମ୍ରାନ ଖାନ୍ ଦାବି କରିଛନ୍ତି ଯେ, ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ଟଏଲଟ୍ କ୍ଲିନର ମିଶା ଖାଦ୍ୟ ଖାଇବାକୁ ଦିଆଯାଉଛି । ଏଥିପାଇଁ ତାଙ୍କ ସ୍ୱାସ୍ଥ୍ୟ ବିଗିଡିଛି । ଏହି ବିଷାକ୍ତ ଖାଦ୍ୟ ଖାଇ ତାଙ୍କ ପେଟ ସଂକ୍ରମିଣ ହୋଇଛି । ପିଟିଆଇ ପ୍ରମୁଖ ରାଓ୍ୱଲପିଣ୍ଡିର ଅଦିୟାଲା ଜେଲରେ ଦୁର୍ନୀତି ମାମଲାର ଏକ ଶୁଣାଣି ବେଳେ ଏହି ଅଭିଯୋଗ ଆଣିଛନ୍ତି । ଶୌକତ ଖାନମ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅସୀମ ୟୁସୁଫ ଇସଲାମାବାଦର ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ବୁଶରା ବିବିଙ୍କ ସ୍ୱାସ୍ଥ୍ୟ ପାରୀକ୍ଷା କରିବା ପାଇଁ ସୁପାରିଶ କରିଥିଲେ । କିନ୍ତୁ ଜେଲ୍ ଅଧିକାରୀ ପାକିସ୍ତାନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେଜ୍ ହସ୍ପିଟାଲରେ ଯାଞ୍ଚ କରିବା ପାଇଁ ଅଡି ବସିଥିଲେ ବୋଲି ପୂର୍ବତନ କ୍ରିକେଟର ଇମ୍ରାନ୍ ଖାନ୍ ଅଭିଯୋଗ କରିଛନ୍ତି । ଗତ ଏପ୍ରିଲ ୧୭ ତାରିଖରେ ଇମ୍ରାନ ଖାନ୍ ଅଭିଯୋଗ କରିଥିଲେ ଯେ, ବୁଶରା ବିବିଙ୍କୁ ବନ୍ଦୀ କରିବା ପଛରେ ପାକିସ୍ତାନ ସେନା ପ୍ରମୁଖ ଜେନେରାଲ ଅସୀମ ମୁନିର୍ ସିଧାସଳଖ ଦାୟୀ ଅଟନ୍ତି । ଯଦି ତାଙ୍କ ପତ୍ନୀଙ୍କୁ କିଛି ବି ହୁଏ ତେବେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ : ଚିନ୍ତା ବଢ଼ାଇଲା ରଥକାଠ ଅଭାବ, ମିଳୁନି ଫାଶୀ, ଧଉରା



**ପୁରୀ(ଏନ୍.ଏମ୍.) :** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅଭାବ ଚିନ୍ତା ବଢ଼ାଇଦେଲାଣି । ଗତ କିଛିବର୍ଷ ହେବ ଫାଶୀ କାଠର ଘୋର ଅଭାବ ଦେଖାଦେଇଛି । ଚଳିତବର୍ଷ ବି ସମାନ ସମସ୍ୟା । ସେପଟେ ବୋଝ ଉପରେ ନଳିତା ବିଡ଼ା ଭଳି ଧଉରା କାଠ ବି ସମସ୍ୟା ସୃଷ୍ଟି କଲାଣି । ଅଧିକାଂଶ ଧଉରା ଗଛ ପୋଲା ପଡୁଛି । ଏଭଳି ସ୍ଥିତିରେ ରଥକାଠ ପାଇଁ ଆବଶ୍ୟକ କାଠ ଯୋଗାଡ଼ କରିବା ବନ ବିଭାଗ ପାଇଁ କଷ୍ଟ ହୋଇପଡ଼ିଛି । ଆଜି ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକରେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇଛି । ରଥକାଠର ଅଭାବ ପୂରଣ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରିବାକୁ କୁହାଯାଇଛି । ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ପୁରୀ ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ପୁନମ ଗୁହା, କେନ୍ଦ୍ରାଞ୍ଚଳ ଆଇଜି ସଂଜୟ କୁମାର କୌଶଲ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍ପି ପିନାକ ମିଶ୍ରଙ୍କ ସମେତ ଆଇନ ବିଭାଗ, ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଆରମ୍ଭରୁ ରଥକାଠକୁ ନେଇ ହୋହଲ୍ଲା ହୋଇଥିଲା । ଗତବର୍ଷ ଓ ଚଳିତ ବର୍ଷ ଫାଶୀ କାଠ ସମସ୍ୟା ନେଇ ସରଗରମ ଆଲୋଚନା ହୋଇଥିଲା । ଏପରିକି ଧଉରା କାଠ ଭଲ ଆସୁନି ବୋଲି ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ଅଭିଯୋଗ କରିଥିଲେ । ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କହିଥିଲେ, ଚଳିତବର୍ଷ ୮୧୨ ଖଣ୍ଡ କାଠ ଦେବାକୁ ଆମକୁ ଚିଠି ହୋଇଛି ଓ କାଠ ଚିହ୍ନଟ ସରିଛି । ଆବଶ୍ୟକ କାଠରୁ ୨୮୬ ଖଣ୍ଡ କାଠ କଟା ସରିଛି ଓ ଏଥିରୁ ୧୪୬ ଖଣ୍ଡ କାଠ ପଠାସରିଛି । ନୟାଗଡ଼ କି ଆଖପାଖ ବନଖଣ୍ଡରେ ଆବଶ୍ୟକ ମୋଟେଇର ଫାଶୀ କାଠ ନାହିଁ । ଆମେ ଆଠଗଡ଼ ଓ ଆଖପାଖ ଅଞ୍ଚଳର ୪୩ଜଣ ଦାତାଙ୍କୁ ଠିକ୍ କରିଛୁ ।

## ଏପ୍ରିଲ୍ ୨୫ରୁ ଖରା ଛୁଟି ଘୋଷଣା କଲେ ରାଜ୍ୟ ସରକାର



**ଭୁବନେଶ୍ୱର(ଏନ୍.ଏମ୍.) :** ଏପ୍ରିଲ୍ ୨୫ ତାରିଖରୁ ଚଳିତ ବର୍ଷ ସ୍କୁଲଗୁଡ଼ିକ ଲାଗି ଖରା ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର । ତେବେ ୨୨ରୁ ୨୪ ତାରିଖ ଯାଏଁ ସକାଳ ୬ଟା ୩୦ରୁ ୧୦ଟା ୩୦ ପାଠପଢ଼ା ହେବ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଚଳିତ ଏପ୍ରିଲ ୨୫ ତାରିଖରୁ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର । ଆସନ୍ତାକାଲିଠାରୁ ଅର୍ଥାତ୍ ଏପ୍ରିଲ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଚାଲିବ । ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ୍ ଗୁଡ଼ିକ ଖୋଲା ରହିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ବିଭାଗର ସୂଚନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ରେ ଉଲ୍ଲେଖ କରାଯାଇଛି । ରାଜ୍ୟରେ ସପ୍ତାହେ ହେଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି । ଏହାକୁ ଦୃଷ୍ଟିରେ ରଖି ଗତ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ପାଇଁ ସମସ୍ତ ସ୍କୁଲ୍ଗୁଡ଼ିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଥିଲେ । ଆଜିଠାରୁ ୨୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ । ତେଣୁ ପାଗ ଟିକେ ଭଲ ରହିପାରେ । କିନ୍ତୁ ୨୫ ତାରିଖରୁ ପୁଣି ଖରାର ପ୍ରକୋପ ଅନୁଭୂତ ହୋଇପାରେ । ଏପ୍ରିଲ ୨୬ରୁ ମେ' ୨ ପର୍ଯ୍ୟନ୍ତ ପୁଣି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଆଜି ସ୍କୁଲ ଗୁଡ଼ିକୁ ଖରା ଛୁଟି ଘୋଷଣା କରିଛନ୍ତି ।

## ଏମିତି ଏକ ବିଚିତ୍ର ଗାଁ
## ପିନ୍‌କୋଡ୍ କୋରାପୁଟ, ଜିଲ୍ଲା ରାୟଗଡ଼ା




**କୋରାପୁଟ(ଏନ୍.ଏମ୍.) :** ଏମିତି ଏକ ବିଚିତ୍ର ଗାଁ । ଯାହାର ପୋଷ୍ଟାଲ୍ ପିନକ୍କୋଡ୍ କୋରାପୁଟ ଜିଲ୍ଲାରେ ରହିଛି । ମାତ୍ର ଜିଲ୍ଲା ରାୟଗଡ଼ାର । ଅର୍ଥାତ ସରକାରୀ କାଗଜପତ୍ରରେ ଠିକଣା ରହିଛି ରାୟଗଡ଼ା ଜିଲ୍ଲା । ଏମିତି ଅଜବ ସମ୍ପର୍କ ଧରି ଦୀର୍ଘବର୍ଷ ହେଲା କୋରାପୁଟ ଅଞ୍ଚଳରେ ଥିବା ଗମ୍ଭାରୀଗୁଡ଼ା ଗାଁର ଲୋକମାନେ ରହିଛନ୍ତି । ଯାହାଫଳରେ ନାନା ଅସୁବିଧାରେ ପଡୁଛନ୍ତି । ଏନେଇ କେତେ କାହାକୁ ନେହୁରା ହେଲେ ମଧ୍ୟ କେହି ଶୁଣୁ ନାହାନ୍ତି । ତେଣୁ ସେମାନେ ଆଜି ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି । ରଜାରାଜୁଡ଼ା ଶାସନ ସମୟରେ ଜୟପୁର ମହାରାଜା ତାଙ୍କ ସଂପର୍କୀୟ ତଥା କାଶିପୁର ରାଜାଙ୍କୁ ତାଙ୍କ ଗଡଜାତର ଏକ ଗାଁ ଉପହାରରେ ଦେଇଥିଲେ । ସେହି ଗାଁ ହେଉଛି 'ଗମ୍ଭାରୀଗୁଡ଼ା' । ଯାହା ବର୍ତ୍ତମାନ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ କୁଚେଇପଦର ପଞ୍ଚାୟତରେ ରହିଛି । ଏହି ଗାଁର ପୋଷ୍ଟାଲ୍ କୋଡ୍ ହେଉଛି- ୭୬୪୨୦୮ । ଯାହା କୋରାପୁଟ ଜିଲ୍ଲାରେ ରହିଛି । କିନ୍ତୁ ସମସ୍ତ ଠିକଣା ଓ କାଗଜପତ୍ର ଗୁଡ଼ିକରେ ରାୟଗଡ଼ା ଜିଲ୍ଲାର ଠିକଣା ରହିଛି । ସ୍ୱାଧୀନ ଭାରତ ଗଠନ ବେଳେ ଜୟପୁର ଗଡ଼ଜାତ ସମେତ କାଶିପୁର ଭାରତରେ ବିଲୀନ ହୋଇଥିଲା । ସେହି ସମୟରେ ଜିଲ୍ଲା ଓ ବ୍ଲକ୍ ସୀମା ନିର୍ଦ୍ଧାରଣ ହୋଇଥିଲା । ସେତେବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିଲା ଗମ୍ଭାରୀଗୁଡ଼ା ଗାଁ । ୧୯୯୩ ମସିହାରେ କୋରାପୁଟ ଜିଲ୍ଲା ବିଭାଗନ ହୋଇଥିଲା । ଆଉ ଗଢ଼ି ଉଠିଥିଲା ରାୟଗଡ଼ା ଜିଲ୍ଲା । ତା'ପରେ ଗମ୍ଭାରୀଗୁଡ଼ା ଗାଁ ରାୟଗଡ଼ା ଜିଲ୍ଲା ଅଧିନକୁ ଚାଲି ଆସିଥିଲା । ସେହି ସମୟରେ ସୀମା ନିର୍ଦ୍ଧାରଣ ପାଇଁ ନିୟୋଜିତ ଅଧିକାରୀଙ୍କ ଖାମଖିଆଲି କାର୍ଯ୍ୟ ଯୋଗୁ ବଦଳି ନଥିଲା ପିନକ୍କୋଡ୍ ନମ୍ବର । ଯେଉଁଥିପାଇଁ କୋରାପୁଟ ଜିଲ୍ଲା ପିନକ୍କୋଡ୍ରେ ରହିଗଲା ଗମ୍ଭାରୀଗୁଡ଼ା ଗାଁ । ଯାହା ଆଜି ପର୍ଯ୍ୟନ୍ତ ରହିଛି । ଆଉ ଗମ୍ଭାରୀଗୁଡ଼ା ଗାଁ ଲୋକେ ନାନା ହଇରାଣ ହରକତ ହେଉଛନ୍ତି । ଦୀର୍ଘ ୩୧ ବର୍ଷ ହେଲା ଗମ୍ଭାରୀଗୁଡ଼ା ଗାଁ ଲୋକେ ଏନେଇ ଅଭିଯୋଗ କରିଆସୁଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କ କଥା କେହି ଶୁଣୁ ନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ତେଣୁ ସେମାନେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ଗାଁ ଲୋକଙ୍କ ସହିତ ସ୍ୱର ମିଳାଇଛନ୍ତି କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା । ସେ ଏନେଇ କହିଛନ୍ତି, ପୂର୍ବରୁ ସଂସଦରେ ଏହି ସମସ୍ୟା ଉପସ୍ଥାପନ କରିଥିଲି । ସେତେବେଳେ କେନ୍ଦ୍ର ସରକାର ଏହି ସମସ୍ୟା ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ । ଜିଲ୍ଲା ପ୍ରଶାସନ ମଧ୍ୟ ଏହାର ଏକ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସରକାର ଚାହିଁଲେ ଗୋଟାଏ ଦିନରେ ଏହି ସମସ୍ୟା ସମାଧାନ ହେବ । ହେଲେ ଏହି ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଗାଁ ଲୋକ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି । ସୂଚନାରୁ ପ୍ରକାଶ, ଗମ୍ଭାରୀଗୁଡ଼ା ଗାଁରେ ପ୍ରାୟ ୬୦ ପରିବାର ବସବାସ କରୁଛନ୍ତି । କୁଲି ମଜୁରୀ ସହିତ ଜଙ୍ଗଲରୁ ଜାଳେଣୀ କାଠ ବିକ୍ରି କରି ପରିବାର ଗୁଜୁରାଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ନିର୍ବାଚନୀ ବିଗୁଲ ବଜାଇବା ପାଇଁ ୨୫ରେ ଆସୁଛନ୍ତି ଅମିତ ଶାହ



**ଭୁବନେଶ୍ୱର(ଏନ୍.ଏମ୍.) :** ଆସନ୍ତା ୨୫ ତାରିଖରେ ଓଡ଼ିଶା ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ସେଦିନ ସେ ସୋନପୁରରେ ଜନସଭାକୁ ସମ୍ବୋଧିତ କରିବେ । ସନ୍ଧ୍ୟା ବେଳେ ଭୁବନେଶ୍ୱରରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ସୂଚନା ଦେଇଛନ୍ତି ବିଜେପି ଉପସଭାପତି ଗୋଲକ ମହାପାତ୍ର । ଶ୍ରୀ ମହାପାତ୍ର କହିଛନ୍ତି, ଓଡ଼ିଶାରେ ବିଜେପି ମାଆ, ମାଟି ଓ ମାତୃଭାଷାକୁ ନେଇ ଲଢ଼େଇ ଆରମ୍ଭ କରିଛି । ଏହି ଲଢ଼େଇର ଶୁଭାରମ୍ଭ ଆସନ୍ତା ୨୫ ତାରିଖ ଅପରାହ୍ନରେ ସୋନପୁର ମାଟିରୁ ଆରମ୍ଭ ହେବ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୫ ତାରିଖରେ ସୋନପୁରରୁ ଓଡ଼ିଶାରେ ନିର୍ବାଚନ ଲଢ଼େଇର ବିଗୁଲ୍ ବଜାଇବେ । ଦୁଇ ଦିନ ତଳେ ଦିଲ୍ଲୀରେ ଯେଉଁ କଥା କହିଥିଲେ, ସେହି କଥାକୁ ଓଡ଼ିଶାବାସୀଙ୍କ ଆଗରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

# ଭାଇଜାନଙ୍କ ଘର ଉପରକୁ ଗୁଳିମାଡ଼ ଘଟଣା; ହୋଇଥିଲା ୪ ଲକ୍ଷର ଡିଲ୍ ?



**ମୁମ୍ବାଇ(ଏଜେନ୍ସି):** ବଲିଉଡର ଭାଇଜାନ ସଲମାନ ଖାନଙ୍କ ଘର ଉପରେ ହୋଇଥିବା ଗୁଳିମାଡ଼ ଘଟଣାରେ ବଡ଼ ଖୁଲାସା କରିଛି ପୁଲିସ୍। ଦବଙ୍ଗ ଖାନଙ୍କ ଘର ଉପରକୁ ଗୁଳି ମାଡ଼ ପାଇଁ ହୋଇଥିଲା ୪ ଲକ୍ଷର ଡିଲ୍। ଏଥିନିମନ୍ତେ କାମ ହେବା ପୂର୍ବରୁ ଲକ୍ଷେ ଓ କାମ ହେବା ପରେ ୩ ଲକ୍ଷ ଟଙ୍କା ଦିଆଯାଇଥିଲା। ଏହି ଘଟଣାରେ ପୂର୍ବରୁ ଗୁଳି ମାଡ଼ କରିଥିବା ଦୁଇ ଅଭିଯୁକ୍ତଙ୍କୁ ପୁଲିସ୍ ବାନ୍ଧିଥିବା ବେଳେ ଏବେ ଆଉ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛି । ଏହି ବ୍ୟକ୍ତିଜଣକ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଓ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥିବା ପୁଲିସ୍ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉଭୟ ପକ୍ଷ ମଧ୍ୟରେ କ'ଣ ଅଧିକ ସମ୍ପର୍କ ରହିଥିଲା ତାହାର ତଦନ୍ତ କରୁଛି ପୁଲିସ୍। ଜଣେ ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ସହ ସନ୍ଦିଗ୍ଧଙ୍କ ସମ୍ପର୍କ ଥିଲା। ଉକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କର ଲରେନ୍ସ ବିଷ୍ଣୋଇଙ୍କ ଛୋଟ ଭାଇ ଅନମୋଲ ବିଷ୍ଣୋଇଙ୍କ ସହ ସମ୍ପର୍କ ଥିଲା। ସଲମାନଙ୍କ ଘର ଉପରକୁ ଫାୟାରିଂ କରିବା ଅଭିଯୋଗରେ ବନ୍ଧା ହୋଇଥିବା ସାଗର ପାଲ ଓ ବିକି ଗୁପ୍ତା ନିଜ ଗତିବିଧି ଓ କାର୍ଯ୍ୟକଳାପ ସମ୍ପର୍କରେ ଉକ୍ତ ବ୍ୟକ୍ତିଙ୍କୁ ସବିଶେଷ ବିବରଣୀ ଦେଉଥିଲେ। ଫାୟାରିଂର କିଛି ଘଣ୍ଟା ପୂର୍ବରୁ ୧୩ ତାରିଖ ରାତିରେ ବାନ୍ଦ୍ରା ଅଞ୍ଚଳରେ ସୁଟର ସାଗର ପାଲଙ୍କୁ ବନ୍ଧୁକ ଦିଆଯାଇଥିଲା। ଏଥିସହ ଏଥିପାଇଁ ୪ ଲକ୍ଷର ଡିଲ୍ ହୋଇଥିଲା। ସେଥିମଧ୍ୟରୁ ଲକ୍ଷେ ଫାୟାରିଂ ପୂର୍ବରୁ ଓ ୩ ଲକ୍ଷ ଫାୟାରିଂ ପରେ ଦିଆଯାଇଥିଲା। ପ୍ରକାଶ ଥାଉ କି, ଗତ ୧୪ ତାରିଖ ରବିବାର ସକାଳ ୫ଟା ସମୟରେ ସଲମାନ ଖାନଙ୍କ ବାନ୍ଦ୍ରା ସ୍ଥିତ ବାସଭବନ ଉପରକୁ ଗୁଳିମାଡ଼ ହୋଇଥିଲା। ଦୁଇ ଜଣ ବାଇକରେ ଆସି ଅଚାନକ ସଲମାନଙ୍କ ଘର ଉପରକୁ ଗୁଳିଚାଳନା କରିଥିଲେ। ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଶେଷରେ ଦୁଇ ଜଣଙ୍କୁ ପୁଲିସ୍ ଗୁଜରାଟରୁ ଗିରଫ କରିଥିଲା।

# ମଲାଇକା ଆରୋରାଙ୍କୁ ପୁଅ ପଚାରିଲେ ତମେ କେବେ ବାହା ହେଉଛ ?



**ମୁମ୍ବାଇ(ଏଜେନ୍ସି):** ମଲାଇକା ଆରୋରା ଏବଂ ଅରବାଜ ଖାନଙ୍କ ପୁଅ ଅରହାନ ଖାନଙ୍କର ଏକ ନୂଆ ପ୍ରୋଜେକ୍ଟ ଆସିବାକୁ ଯାଉଛି। ଏହି ପ୍ରୋଜେକ୍ଟ ୱେବ୍ ସିରିଜ୍ କିମ୍ବା ଚଳଚ୍ଚିତ୍ର ନୁହେଁ, ବରଂ ଏକ ପୋଡକାଷ୍ଟ। ଏହି ପୋଡକାଷ୍ଟର ନାଁ 'ଡମ୍ବ ବିରିୟାନି' ରଖାଯାଇଛି। ଏହି ପୋଡକାଷ୍ଟ ଏପିସୋଡର ପ୍ରଥମ ପର୍ଯ୍ୟାୟରେ ଅରହାନ ଖାନ ମାଆ ମଲାଇକାଙ୍କ ସାକ୍ଷାତକାର ନେଇଛନ୍ତି। ଏହି ବାର୍ତ୍ତାଳାପ ସମୟର ଏକ ଟିଜର ପୋଷ୍ଟ କରିଛନ୍ତି ଅରହାନ, ଯେଉଁଥିରେ ଉଭୟ ମାଆ ଓ ପୁଅ ଖୋଲାଖୋଲି ନିଜ ଜୀବନ ବାବଦରେ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ମଲାଇକା ତାଙ୍କ ପୁଅଙ୍କୁ ଭର୍ଜିନିଟି ବାବଦରେ ପ୍ରଶ୍ନ କରୁଥିବା ବେଳେ ପୁଅ ମାଆଙ୍କୁ କେବେ ବିବାହ କରୁଛ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ଟିଜର କ୍ଲିପ୍ ଅନୁସାରେ, ମଲାଇକା ପୁଅ ଅରହାନଙ୍କୁ ପଚାରୁଛନ୍ତି, 'ତୁମେ ତୁମର ଭର୍ଜିନିଟି କେବେ ହରାଇଥିଲ।' ସେହିପରି ଅରହାନ ମଧ୍ୟ ମାଆ ମଲାଇକାଙ୍କୁ ପଚାରୁଛନ୍ତି, 'ଏହା ମୋର ତୁମକୁ ଶେଷ ପ୍ରଶ୍ନ, ହାତ ଦେଖାଅ ଏବଂ କୁହ ଯେ, ତୁମେ କେବେ ବିବାହ କରୁଛ ?' 'ଡମ୍ବ ବିରିୟାନି'ର ପ୍ରଥମ ଏପିସୋଡ୍ ୧୮ ଏପ୍ରିଲ ୨୦୨୪ରେ ୟୁଟ୍ୟୁବରେ ରିଲିଜ୍ ହେବ। ବିବାହର ୧୯ ବର୍ଷ ପରେ ମଲାଇକା ଆରୋରା ଏବଂ ଅରବାଜ ଖାନ ଛାଡ଼ପତ୍ର ଦେଇଥିଲେ। ୨୦୧୭ରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲେ। ଏହା ପରେ ମଲାଇକା ଅର୍ଜୁନ କପୁରଙ୍କ ସହ ଡେଟ୍ କରୁଥିବା ଚର୍ଚ୍ଚା ହେଉଥିଲା। ଅରବାଜ ଖାନ ଗତ ବର୍ଷ ଡିସେମ୍ବରରେ ମେକଅପ୍ ଆର୍ଟିଷ୍ଟ ଶୁରା ଖାନଙ୍କୁ ବିବାହ କରିଥିଲେ।

# ୨୨ ବର୍ଷ ପରେ ପୁଣି ସିଦ୍ଧାନ୍ତ-ରଚନା ଯୋଡ଼ି !



**ଭୁବନେଶ୍ୱର(ଏନ୍.ଏମ୍.):** ୨୨ ବର୍ଷ ପରେ ପୁଣି ପରଦାକୁ ଫେରୁଛନ୍ତି ଓଲିଉଡ୍ର ଏକ ବହୁଚର୍ଚ୍ଚିତ ଯୋଡ଼ି। ଏହି ଯୋଡ଼ିଙ୍କୁ ଦର୍ଶକ ଶେଷ ଥର ଲାଗି ୨୦୦୨ ଦଶହରାରେ ମୁକ୍ତିଲାଭ କରିଥିବା ସୁବାସ ରାଉତଙ୍କ ପ୍ରଯୋଜିତ ତଥା ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ସନ୍ତାନ'ରେ ଦେଖିବାକୁ ପାଇଥିଲେ। ଅର୍ଥାତ୍ ଦୁଇ ଦଶନ୍ଧିରୁ ଅଧିକ କାଳ ଏହି ଦୁଇ କଳାକାର କୌଣସି ଓଡ଼ିଆ ଛବିରେ ଏକାଠି କାମ କରିନାହାନ୍ତି। ତେବେ ଓଡ଼ିଆ ସିନେମାର ଲୋକପ୍ରିୟ ଯୋଡ଼ି ଭାବେ ଢେର୍ ଚର୍ଚ୍ଚା ସାଉଁଟି ଥିବା ସିଦ୍ଧାନ୍ତ ମହାପାତ୍ର ଓ ରଚନା ବାନାର୍ଜୀଙ୍କୁ ଖୁବ୍ ଶୀଘ୍ର ଦର୍ଶକ ପରଦାରେ ଦେଖିବାକୁ ପାଇବେ। ସିଦ୍ଧାନ୍ତ-ରଚନା ଯୋଡ଼ିକୁ ପ୍ରତ୍ୟାବର୍ତ୍ତନ କରାଉଛି 'ରିଟାୟାର୍ମେଣ୍ଟ୍'। ନୂଆ ଓଡ଼ିଆ ଛବି 'ରିଟାୟାର୍ମେଣ୍ଟ୍'ରେ ଏହି ଦୁଇ କଳାକାର ଏକାଠି ଅଭିନୟ କରିବେ ବୋଲି ଫିଲ୍ମର ପ୍ରଯୋଜନା ସଂସ୍ଥା ସୂତ୍ରରୁ ପ୍ରକାଶ। ନୂଆ ପ୍ରଯୋଜକ ସୁଦାମ ଶତପଥୀ ଏହାର ନିର୍ମାଣ କରୁଥିବା ବେଳେ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛନ୍ତି ଓଡ଼ିଆ ସିନେଜଗତର ଜଣାଶୁଣା ନିର୍ଦ୍ଦେଶକ ସୁଶାନ୍ତ ମଣି। ସୁଶାନ୍ତ ପ୍ରଥମ ଥର ଲାଗି ସିଦ୍ଧାନ୍ତ-ରଚନା ଯୋଡ଼ିଙ୍କୁ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏହି ଓଡ଼ିଆ ଛବିର କାହାଣୀକାର ଓ ସଙ୍ଗୀତ ନିର୍ଦ୍ଦେଶକ ହେଲେ ଦେବୀତୋଷ ଆଚାର୍ଯ୍ୟ। ଏହା ପୂର୍ବରୁ ଦେବୀତୋଷ ୨୦୧୪ରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମା 'ତୁ ଆଉ ମୁଁ'ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ବହୁମୁଖୀ ପ୍ରତିଭାସଂପନ୍ନ ଶରଣାରବିନ୍ଦ ଓଝା 'ରିଟାୟାର୍ମେଣ୍ଟ'ର ସଂଳାପକାର। ଦେବୀତୋଷଙ୍କ ସୂଚନା ଅନୁଯାୟୀ, "କଟକର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଫିଲ୍ମର ସ୍କ୍ରିପ୍ଟ ପୂଜା ସରିଛି ଏବଂ ଏଥିରେ ସିଦ୍ଧାନ୍ତ ଓ ରଚନାଙ୍କୁ ମୁଖ୍ୟ ଭୂମିକାରେ ନିଆଯାଉଛି। ଜୁନ୍ ୫ ତାରିଖରୁ ସିନେମାଟି ଫ୍ଲୋର୍କୁ ଯିବ। ଦଶହରା ଅବସରରେ ଏହାକୁ ରିଲିଜ୍ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚାକିରିରୁ ଅବସର ପରର ଜୀବନ ପ୍ରସଙ୍ଗ ଉପରେ ଏହାର କାହାଣୀ ଆଧାରିତ।"

# ଛାଡ଼ପତ୍ର ପରେ ଚିନ୍ତାରେ ଚାରୁ, ଝିଅ ପାଇଁ କାମ ଛାଡ଼ିଲେ ଅଭିନେତ୍ରୀ



**ନୂଆଦିଲ୍ଲୀ(ଏଜେନ୍ସି):** ବଲିଉଡ ଅଭିନେତ୍ରୀ ସୁଶ୍ମିତା ସେନଙ୍କ ପୂର୍ବତନ ଭାଉଜ ଛାଡ଼ପତ୍ର ପରେ ଚିନ୍ତାରେ ପଡ଼ିଛନ୍ତି। ନିକଟରେ ଚାରୁ ଅସୋପା ନିଜ କାମ ଛାଡ଼ିବା ପ୍ରସଙ୍ଗକୁ ନେଇ କହିଛନ୍ତି, 'ମୁଁ ମୋର ୨ବର୍ଷର ଝିଅ ପାଇଁ ସୋ' ଛାଡ଼ିବା ପାଇଁ ବାଧ ହେଉଛି। କାରଣ ମୋ ଉପରେ ଅଧିକରୁ ଅଧିକ ଚାପ ରହୁଛି। କାମ ସହିତ ଘରକୁ ଦେଖିବା ଝିଅର ଯତ୍ନ ନେବା ଇତ୍ୟାଦି କାମ ଭାବିଥିଲି ତୁଲାଇ ଦେବି। କିନ୍ତୁ ସମୟ ସମୟରେ ସୁଟିଂରେ ଯାଇଥିବା ବେଳେ ଘରେ ଏମିତି ଜରୁରୀ ପରିସ୍ଥିତି ଥାଏ କି ସେଟରେ କାମକୁ ଅଧାରୁ ବନ୍ଦ କରି ଆସିବାକୁ ହୋଇଥାଏ। ଏହାଦ୍ୱାରା ସେଟରେ ଥିବା ଅନ୍ୟ ସଦସ୍ୟଙ୍କୁ ବି ଅସୁବିଧା ହୋଇଥାଏ। ମୁଁ ଚିନ୍ତା କଲି ଝିଅ ଜିୟାନାଙ୍କ ଯତ୍ନ ନେବା ସହିତ ସୋ' କରି ହେବନାହିଁ। ଜିୟାନା ଏବେ ସବୁକିଛି ଅନୁକରଣ କରୁଛି ଏଭଳି ସ୍ଥିତିରେ ମୁଁ ତାକୁ ସେଟକୁ ନେଇ ଯିବା ଉଚିତ ଭାବୁ ନାହିଁ। ଏବେ ମୁଁ ମୋର ସମସ୍ତ ସମୟ ଜିୟାନାକୁ ଦେବାକୁ ସ୍ଥିର କରିଛି। କାରଣ ମୋ ଜୀବନରେ ଝିଅ ମୋର ପ୍ରଥମ ପ୍ରାଧାନ୍ୟ କାମ ପାଇଁ ମୁଁ ତାକୁ ଅବହେଳା କରି ପାରିବି ନାହିଁ। ଜଣେ ସିଙ୍ଗଲ ମଦର ହୋଇଥିବାରୁ ମୋତେ ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡୁଛି। ତେଣୁ କାମକୁ ଛାଡ଼ିବା ନିଷ୍ପତ୍ତି ନେବା ପାଇଁ ମୋତେ ୬ମାସର ସମୟ ଲାଗି ଯାଇଛି। ଜାଣିଛି ଏଭଳି ନିଷ୍ପତ୍ତି ହେତୁ ଆଗକୁ ଯାଇ ମୋତେ ଆର୍ଥିକ ସମସ୍ୟା ଦେଖା ଦେଇପାରେ। କିନ୍ତୁ ଝିଅ ପାଇଁ ସବୁକିଛି ସମସ୍ୟାର ସାମ୍ନା କରିବାକୁ ସ୍ଥିର କରିଛି। ଘରେ ରହି କଣ୍ଟେଣ୍ଟ କ୍ରିଏଟର, ୱେବ ସିରିଜ ଆଦି କାମ କରିବାର ଯୋଜନା ରହିଛି। ଚାରୁ ଅସୋପାଙ୍କ ବିବାହ ୨୦୧୯ରେ ସୁଶ୍ମିତା ସେନଙ୍କ ଭାଇ ରାଜୀବ ସେନଙ୍କ ସହିତ ହୋଇଥିଲା। ୨୦୦୩ରେ ଚାରୁ ଓ ରାଜୀବଙ୍କ ଛାଡ଼ପତ୍ର ହୋଇଯାଇଥିଲା।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର: ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଦୈନନ୍ଦିନ ବ୍ୟବହାର ଜିନିଷରୁ ବି ହୋଇପାରେ କ୍ୟାନସର୍

କ୍ୟାନ୍ସର ନାଁ ଶୁଣିଲେ ସମସ୍ତଙ୍କ ମନରେ ଛନକା ପସେ। ଏହା ଏକ ମାରାତ୍ମକ ରୋଗ। ଏହି ରୋଗ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂରା ବିଶ୍ୱରେ ପ୍ରତିବର୍ଷ ଶତାଧିକ ଲୋକେ ଏହି ରୋଗରେ ଆକ୍ରାନ୍ତ ହୋଇ ଜୀବନ ହାରୁଛନ୍ତି। ଆମେ ନିଶ୍ୱାସ ନେଉଥିବା ବାୟୁଠାରୁ ଆରମ୍ଭ କରି ସାଧାରଣ ଖାଦ୍ୟ ସାମଗ୍ରୀ ପର୍ଯ୍ୟନ୍ତ ଏବଂ ଖାଉଥିବା ଖାଦ୍ୟରେ ମଧ୍ୟ ଏହି କ୍ୟାନ୍ସର ଜୀବାଣୁ ରହିଥିବା ଏବେ ବୈଜ୍ଞାନିକମାନେ କହିଛନ୍ତି। ଏପରିକି ଆମେ ଦୈନନ୍ଦିନ ବ୍ୟବହାର କରୁଥିବା ଜିନଷରୁ ମଧ୍ୟ କ୍ୟାନ୍ସର ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନ କରାଇଛନ୍ତି। କର୍କିନୋଜେନ ସହିତ ସମ୍ପର୍କ ଥିଲା, ଏହାର ଅର୍ଥ ନୁହେଁ ଯେ ତୁମେ କର୍କଟ ରୋଗରେ ଆକ୍ରାନ୍ତ ହେବ। ଆପଣଙ୍କର ଅସୁସ୍ଥ ହେବାର ସମ୍ଭାବନା ଅନେକ ଜିନିଷ ଉପରେ ନିର୍ଭର କରେ। ଅନେକ ଥର, ଆପଣଙ୍କର ଜିନ୍ ମଧ୍ୟ ଏକ ଭୂମିକା ଗ୍ରହଣ କରିଥାଏ। ଦୈନନ୍ଦିନ ବ୍ୟବହୃତ ହେଉଥିବା ଜିନିଷରୁ ମଧ୍ୟ କ୍ୟାନ୍ସର କାରକ ବ୍ୟାପି ତେଣୁ ଏଥିପ୍ରତି ସଚେତନ ରହିବା ଜରୁରୀ ବୋଲି ଡାକ୍ତରମାନେ କହିଛନ୍ତି। ନନ୍ଷ୍ଟିକ୍ କୁକ୍ୱେର୍ ଠାରୁ ଆରମ୍ଭ କରି ପ୍ଲାଷ୍ଟିକ୍ କଣ୍ଟେନର୍, ଘର କ୍ଲିନର ଲିକ୍ୟୁଡ୍, ସେଣ୍ଟେଡ୍ କ୍ୟାଣ୍ଡେଲ, ଇଲେକ୍ଟ୍ରୋନିକ୍ ରେଡିଏସନ୍ ଆଦିରୁ ମଧ୍ୟ କ୍ୟାନ୍ସର ରୋଗର ବିପଦ ରହିଥିବା ଡାକ୍ତରମାନେ କହିଛନ୍ତି। ଏହି ସବୁ ସାମଗ୍ରୀରେ କାର୍କିନୋଜେନ୍ ଏକ ପ୍ରକାରର କ୍ୟାନସର୍ କାରକ ରହିଥାଏ। ନନ୍ଷ୍ଟିକ୍ କୁକ୍ୱେର ଟେଫଲନ୍-କୋଟେଡ୍ ପ୍ୟାନଗୁଡିକରେ ଖାଦ୍ୟ ରୋଷେଇ କରିବା ପାଇଁ ଆଜିକାଲି ସମସ୍ତେ ପସନ୍ଦ କରନ୍ତି। ଏହାକୁ ସଫା କରିବା ସହଜ ହୁଏ। ତେବେ ଏହି ନନ୍ଷ୍ଟିକ୍ କୁକ୍ୱେର୍ ଅଧକ ଗରମ ସଂସ୍ପର୍ଷରେ ଆସିଲେ ଏଥିରୁ କ୍ଷତିକାରକ ରାସାୟନିକ ପଦାର୍ଥ ବାହାରିଥାଏ। ତେଣୁ ଏହି ନନ୍ଷ୍ଟିକର ବିକଳ୍ପ ଭାବରେ ସେରାମିକ୍ କିମ୍ବା କାଷ୍ଟ-ଆଇରନ୍ କୁକୱେର୍ ବାଛିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ପ୍ଲାଷ୍ଟିକ୍ କଣ୍ଟେନର, ଘରୋଇ କ୍ଲିନଜର, ସେଣ୍ଟେଡ୍ କ୍ୟାଣ୍ଡେଲ, ପିଭିସି ସାୱାର୍ କର୍ଟେନ୍: ସେହିପରି ଅଧ୍ୟୟନ ମୁତାବକ ବାଥରୁମରେ ବ୍ୟବହୃତ ହେଉଥିବା ପିଭିସି ସାୱାର୍ କର୍ଟେନରୁ ମଧ୍ୟ କ୍ୟାନ୍ସର କାରକ ଉତ୍ପନ୍ନ ହୋଇଥାଏ। ସେହିଭଳି ଆମେ ଘଣେ ବ୍ୟବହୁତ କରୁଥିବା ମୋବାଇଲ ଫୋନ୍, ୱାଇ ଫାଇ, ଚାର୍ଜର ଆଦିରୁ ଇଲେକ୍ଟ୍ରୋନିକ ରେଡିଏସନ୍ ଉତ୍ପନ୍ନ ହୋଇଥାଏ।

### ମା'ରାଣ ଦେହକୁ ନେବେନି...

ବିଜେଡି କାଟିଲା ଟିକଟ ଯାହାର
ଭାବେ କାହିଁକି ମୁଁ ବଞ୍ଚିବି..
ଅଧା ସିନ୍ଦୁକଟା ଅଧାରେ ରହିଲା
କେମିତି ପିସି ମୁଁ ସଞ୍ଚିବି...
ଅଫିସିରେ ଯାଇ କେଞ୍ଚିବି..
ଯାହାରଖିଥିଲି ନବୀନନିବସେ
ପାଦୁକ ଭଳିଆ ଛିଞ୍ଚିବି...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଏପରି ପ୍ରସ୍ତୁତ କରନ୍ତୁ ଛତୁ ପୋସ୍ତ ବରା



**ଆବଶ୍ୟକ ସାମଗ୍ରୀ:** ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ। ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଡି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ। ପରେ ତାକୁ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମ ଗରମ ଛତୁ ପୋସ୍ତ ବରା।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ଲୋକସଭା ନିର୍ବାଚନ : ପ୍ରଥମ ପର୍ଯ୍ୟାୟରେ ମତଦାନ ହାର କମିଲା, ବେଙ୍ଗଲରେ ସର୍ବାଧିକ ଭୋଟିଂ

**ନୂଆଦିଲ୍ଲୀ(ଏଜେନ୍ସି) :** ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ । ଆଉ ଭାରତରେ ଆଜି ଠାରୁ ଆରମ୍ଭ ହୋଇଛି ମତଦାନ । ୭ଟି ପର୍ଯ୍ୟାୟରେ ମୋଟ ୫୪୩ ଲୋକସଭା ଆସନ ପାଇଁ ଭାରତବାସୀ ଭୋଟ ଦେବେ ।ଏହିକ୍ରମରେ ଆଜି ପ୍ରଥମ ପର୍ଯ୍ୟାୟରେ ୨୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ ଆସନ ପାଇଁ ମତଦାନ ଶେଷ ହୋଇଛି । ୮ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ହେଭିୱେଟଙ୍କ ଭାଗ୍ୟ ଏବେ ଇଭିଏମରେ ସିଲ ହୋଇ ଯାଇଛି । ୧୦୨ ଆସନରେ ମୋଟ ୧୬୨୫ ଜଣ ପ୍ରାର୍ଥୀ ହୋଇଥିଲେ । ଏବେ ସମସ୍ତଙ୍କ ଭାଗ୍ୟର ଫଳ ଆସନ୍ତା ଜୁନ ୪ ତାରିଖରେ ଜଣାପଡ଼ିବ । କାରଣ ଜୁନ ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ମଣିପୁର ଓ ପଶ୍ଚିମବଙ୍ଗର କିଛି ସ୍ଥାନକୁ ଛାଡ଼ି ଦେଲେ ନିର୍ବାଚନ ବେଶ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । କିନ୍ତୁ ୨୦୧୯ ତୁଳନାରେ ୨୦୨୪ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ହ୍ରାସ ପାଇଛି । ୨୦୧୯ରେ ପ୍ରଥମ ପର୍ଯ୍ୟାୟରେ ୬୯.୪୩% ଭୋଟିଂ ହୋଇଥିଲା । କିନ୍ତୁ ୨୦୨୪ରେ ପ୍ରାୟ ୬୦% ଭୋଟିଂ ହୋଇଛି । ସନ୍ଧ୍ୟା ୬ଟା ସୁଦ୍ଧା ୫୯.୭୧% ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ଧାର୍ଯ୍ୟ ସମୟ ପରେ ମଧ ବିଭିନ୍ନ ସ୍ଥାନରେ ଅନେକ ଲୋକ ଭୋଟ ଦେବାକୁ ଲାଇନରେ ଛିଡ଼ା ହୋଇଥିବା ଦୃଶ୍ୟ ସାମ୍ନାକୁ ଆସିଛି । ତେଣୁ ଭୋଟିଂ ହାର ଆଗକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପଶ୍ଚିମବଙ୍ଗର କୁଚ ବେହାର ଜିଲ୍ଲା ସିତଲକୁଚି ଠାରେ ବିଜେପି ଓ ଟିଏମସି ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଛି । ତଥାପି ରାଜ୍ୟର ୩ଟି ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ସବୁଠାରୁ ଅଧିକ ୭୭.୫୭% ଭୋଟିଂ ହୋଇଛି । ସେହିପରି ମଣିପୁରର ଗୋଟିଏ ପୁଲିଂ ଷ୍ଟେସନରେ ଗୁଳିମାଡ଼ ହୋଇଥିଲେ ହେଁ ଏଠାକାର ୨ଟି ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ୬୮.୬୨% ଲୋକ ମତାଧିକାର ସାବ୍ୟସ୍ତ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ବିହାରରେ ଆଜି ପ୍ରଥମ ପର୍ଯ୍ୟାୟରେ ୪ଟି ଆସନ ପାଇଁ ଭୋଟିଂ ହୋଇଛି । କିନ୍ତୁ ଏଠାରେ ଭୋଟିଂ ହାର ସବୁଠାରୁ କମ ରହିଛି । ମାତ୍ର ୪୮.୨୩% ଲୋକ ଭୋଟ ଦେଇଛନ୍ତି । ଏହାବାଦ ଆଣ୍ଡାମାନ ନିକୋବର(୧ ଆସନ)ରେ ୫୬.୮୭%, ଅରୁଣାଚଳ ପ୍ରଦେଶରେ(୨ଟି ଆସନ) ୬୪.୦୭%, ଆସାମରେ(୫) ୭୦.୭୭%, ଛତିଶଗଡ଼ରେ(୧ ଆସନ)୬୩.୪୧%, ଜମ୍ମୁ-କଶ୍ମୀର(୧ ଆସନ)ରେ ୬୫.୦୮%, ଲକ୍ଷଦ୍ୱୀପ(୧), ୫୯.୦୨%, ମଧ୍ୟପ୍ରଦେଶରେ (୬ଟି ଆସନ) ୬୩.୨୫%, ମହାରାଷ୍ଟ୍ରରେ(୫) ୫୪.୮୫%, ମଣିପୁର(୨)ରେ ୬୮.୬୨%, ମେଘାଳୟ(୨)ରେ ୬୯.୯୧%, ମିଜୋରାମ(୧)ରେ ୫୩.୯୬%, ନାଗାଲ୍ୟାଣ୍ଡ(୧)ରେ ୫୬.୧୮%, ପୁଡୁଚେରୀ(୧)ରେ ୭୨.୮୪%, ରାଜସ୍ଥାନ(୧୨)ରେ ୫୦.୨୭%, ସିକ୍କିମ(୧)ରେ ୬୮.୦୬%, ତମିଲନାଡୁ(୩୯)ରେ ୭୨.୦୯%, ତ୍ରିପୁରା(୧)ରେ ୭୬.୧୦%, ଉତ୍ତର ପ୍ରଦେଶ(୮)ରେ ୫୭.୫୪%, ଉତ୍ତରାଖଣ୍ଡ(୫)ରେ ୫୩.୫୬% ଓ ପଶ୍ଚିମବଙ୍ଗ(୩)ରେ ୭୭.୫୭% ଭୋଟିଂ ହୋଇଛି ।

# ଇଡିର ଅଭିଯୋଗ : ଜାମିନ ପାଇଁ ପ୍ରଚୁର ଆମ୍ବ ଓ ମିଠା ଖାଇ ରକ୍ତରେ ସର୍କରା ବଢ଼ାଉଛନ୍ତି କେଜ୍ରିୱାଲ



**ନୂଆଦିଲ୍ଲୀ(ଏଜେନ୍ସି) :** ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି । କେଜ୍ରିୱାଲ ପୂର୍ବରୁ ମଧୁମେହ ରୋଗରେ ପୀଡ଼ିତ । ତଥାପି ସେ ଜେଲରେ ପ୍ରଚୁର ଆମ୍ବ, ଆଳୁ ପୁରୀ ଓ ମିଠା ଖାଉଛନ୍ତି । ପ୍ରତିଦିନ ସେ ମିଠା ଓ ଆମ୍ବ ଖାଇ ନିଜର ରକ୍ତ ସର୍କରାକୁ ବୃଦ୍ଧି କରିବାରେ ଲାଗିଛନ୍ତି । ରକ୍ତ ସର୍କରା ବା ବ୍ଲଡ ସୁଗାର ବଢ଼ିବା ପରେ ସେ ମେଡିକାଲ ଗ୍ରାଉଣ୍ଡରେ ଜାମିନ ପାଇଯିବେ ବୋଲି ଲକ୍ଷ୍ୟ ରଖିଥିବା ଇଡି ପକ୍ଷରୁ ଅଭିଯୋଗ ହୋଇଛି । ଜେଲରେ ଥିବା ନିଜର ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଡାକ୍ତରଙ୍କ ପରାମର୍ଶ ଚାହୁଁଥିବା ଦାବି କରି ଗୋଟିଏ ଆବେଦନ କୋର୍ଟରେ କରିଛନ୍ତି । ଏହାର ଶୁଣାଣି କୋର୍ଟ କରୁଥିବା ବେଳେ ଇଡି ଏପରି ଅଭିଯୋଗ କରିଛି । ଏହାପରେ କୋର୍ଟ ତିହାର ଜେଲ କର୍ତ୍ତୃପକ୍ଷଙ୍କୁ କେଜ୍ରିୱାଲ ଖାଉଥିବା ଖାଦ୍ୟର ତାଲିକା ଦେବାକୁ କହିଛନ୍ତି । ଏଥିସହ କୋର୍ଟ ଆପ୍ ସୁପ୍ରିମୋ କେଜ୍ରିୱାଲଙ୍କ ଓକିଲଙ୍କୁ ମଧ ଡାକ୍ତର ତାଙ୍କ ପାଇଁ ପ୍ରଦାନ କରିଥିବା ଖାଦ୍ୟ ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ କେଜ୍ରିୱାଲ ଟାଇପ ୨ ମଧୁମେହ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଛି । ତେଣୁ ଶୁଣାଣି ବେଳେ ଇଡି କହିଥିଲା ଯେ ଅରବିନ୍ଦ କେଜ୍ରିୱାଲ ନିୟମିତ ଭାବେ ଚା’ରେ ଚିନି ପକାଇ ପିଉଛନ୍ତି । ସେ କଦଳୀ, ମିଠା, ପୁରୀ, ଆଳୁ ତରକାରୀ ଇତ୍ୟାଦି ଖାଉଛନ୍ତି । ସେ ଜଣେ ଟାଇପ ୨ ମଧୁମେହ ରୋଗୀ ହୋଇଥିବାରୁ ସେ ଭଲ ଭାବେ ଜାଣିଛନ୍ତି ଯେ, ଏସବୁ ଖାଇଲେ, ତାଙ୍କର ରକ୍ତ ସର୍କରା ବୃଦ୍ଧି ପାଇବ । ତଥାପି ସେ ମିଠା ଜାତୀୟ ଖାଦ୍ୟ ଖାଉଛନ୍ତି । ସେ ନିଜର ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ଖରାପ କରି କୋର୍ଟଙ୍କ ଠାରୁ ମେଡିକାଲ ଗ୍ରାଉଣ୍ଡରେ ଜାମିନ ପାଇବା ପାଇଁ ଚାହୁଁଛନ୍ତି । ଜେଲରେ ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯାଉଛି । ସେମାନେ ଦିନକୁ ୨ ଥର କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।”କେଜ୍ରିୱାଲଙ୍କ ମେଡିକାଲ ରିପୋର୍ଟକୁ ଦେଖାଇ ଇଡି କହିଛି ଯେ, ଏପ୍ରିଲ ୧ରେ କେଜ୍ରିୱାଲ ତିହାର ଜେଲକୁ ଆସିଥିଲେ । ସେହି ସମୟରେ ତାଙ୍କ ସୁଗାର ୧୩୯ ଏମଜି/ଡିଏଲ ଥିଲା । କିନ୍ତୁ ଏପ୍ରିଲ ୧୪ ତାରିଖ ସକାଳ ସୁଦ୍ଧା ଏହା ୨୭୬ ଏମଜି/ଡିଏଲରେ ପହଞ୍ଚି ଯାଇଛି । ଏହା ଶୁଣିବା ପରେ କୋର୍ଟ ଶୁକ୍ରବାର ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି ।

# ୟୁକ୍ରେନ ଉପରେ ଋଷର ମିଶାଇଲ ମାଡ଼ ; ୧୭ ମୃତ, ୬୦ ଗୁରୁତର



**ନୂଆଦିଲ୍ଲୀ(ଏଜେନ୍ସି) :** ଋଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ପୂରି ସାରିଥିବା ବେଳେ ଥମୁନି ଯୁଦ୍ଧର ତାଣ୍ଡବ । ନା ଋଷ ପଛକୁ ହଟୁଛି ନା ୟୁକ୍ରେନ ମୁଣ୍ଡ ନୁଆଁଉଛି । ଏହା ମଧ୍ୟରେ ଋଷ ଥରକୁ ଥର ୟୁକ୍ରେନ ଉପରେ ଭୟଙ୍କର ହାମଲା କରିବାକୁ ପଛାଉ ନାହିଁ । ୟୁକ୍ରେନର ଚେର୍ନିହିଭ୍ ସହରରେ ପୁଣି ଥରେ ମିଶାଇଲ ମାଡ଼ କରିଛି ଋଷ । ଏଥିରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୩ ଶିଶୁ ଥିବା ଜଣାଯାଇଛି । ଚେର୍ନିହିଭ୍ ୟୁକ୍ରେନର ରାଜଧାନୀ କ୍ୱିଭଠାରୁ ୧୫୦ କିମି ଦୂରରେ ଅବସ୍ଥିତ ଥିବା ବେଳେ ଏହା ଋଷ ଓ ବେଲାଋଷ ସୀମା ନିକଟରେ ଅବସ୍ଥିତ । ଚେର୍ନିହିଭରେ ଥିବା ଏକ ୮ ମହଲା ବିଲ୍ଡିଂ ଉପରକୁ ଅତର୍କିତ ଭାବେ ଋଷ ମିଶାଇଲ ମାଡ଼ କରିଥିଲା । ଏହି ଆକ୍ରମଣରେ ବିଲ୍ଡିଂଟି ଭୁଶୁଡ଼ି ପଡ଼ିଥିବା ବେଳେ ଘଟଣାସ୍ଥଳରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ଗୁରୁତର ହୋଇଥିବା ୬୦ ଜଣଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଛି । ଋଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ପୂରି ସାରିଥିବା ବେଳେ ପଶ୍ଚିମ ଦେଶମାନଙ୍କ ତରଫରୁ ସେପରି ଆଖିଦୃଶିଆ ସହଯୋଗ ମିଳୁ ନ ଥିବା ୟୁକ୍ରେନ ପକ୍ଷରୁ ଅଭିଯୋଗ ହୋଇଛି । ଏହାର ସୁଯୋଗ ନେଇ ଋଷ ଥରକୁ ଥରୁ ଘାତକ ଆକ୍ରମଣ କରିବାକୁ ପଛାଉ ନାହିଁ । ଏ ସମ୍ପର୍କରେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନ୍ସ୍କି କହିଛନ୍ତି, ଆମ ପାଖରେ ମହଜୁଦ ଥିବା ସମସ୍ତ ବାୟୁ ରକ୍ଷା ଉପକରଣ ଶେଷ ହୋଇ ଗଲାଣି । ତେଣୁ ଅଧିକରୁ ଅଧିକ ବାୟୁ ପ୍ରତିରକ୍ଷା ସିଷ୍ଟମ ପ୍ରଦାନ ନିମନ୍ତେ ପଶ୍ଚିମ ଦେଶମାନଙ୍କୁ ଅନୁରୋଧ କରାଯାଇଛି । ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ବାୟୁ ରକ୍ଷା ଉପକରଣ ଥିଲେ, ମିଶାଇଲ ତଥା ଡ୍ରୋନ ଆକ୍ରମଣକୁ ପ୍ରତିହତ କରାଯାଇ ପାରନ୍ତା । ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ପରିସ୍ଥିତିର ସମ୍ମୁଖୀନ ହେଉଥିବା ୟୁକ୍ରେନକୁ ସହାୟତାର ହାତ ବଢ଼େଇ ଆସିଛନ୍ତି ଆମେରିକା, ବ୍ରିଟେନ୍, କାନାଡା, ଫ୍ରାନ୍ସ, ଜର୍ମାନୀ, ଗ୍ରିସ, ହଙ୍ଗେରୀ ସମେତ ୩୦ଟି ଦେଶ । ସେପଟେ ଋଷିଆକୁ ପ୍ରତ୍ୟେକ୍ଷରେ ନହେଲେ ବି ପରୋକ୍ଷରେ ନିଜ ସମର୍ଥନ ଜଣାଇ ଆସୁଛି ଚୀନ । ଅନ୍ୟପଟେ ଭାରତ ମଧ ଯୁଦ୍ଧକୁ ନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛି । ଆଲୋଚନା ମାଧ୍ୟମରେ ଯୁଦ୍ଧ ସମସ୍ୟା ସମାଧାନ କରିବାକୁ କହିଛି ଭାରତ । ଯୁଦ୍ଧ ପଛରେ ରହିଛି ଅନେକ କାରଣ । ସେଥିମଧ୍ୟରୁ ଗୋଟିଏ ମୁଖ୍ୟ କାରଣ ହେଉଛି ୟୁକ୍ରେନକୁ ନିଜ ଛତ୍ରଛାୟା ତଳେ ରଖିବାକୁ ଚାହେଁ ଋଷ । ହେଲେ ସେପଟେ ୟୁକ୍ରେନ ନିଜକୁ ଏକ ସ୍ୱାଧିନ ଦେଶ ଭାବି ନିଜ ହିସାବରେ ନିଷ୍ପତି ନେବାରେ ଲାଗିଛି । ଆଉ ଯେବେଠାରୁ ୟୁକ୍ରେନ୍ ନାଟୋର ସଦସ୍ୟ ହେବା ପାଇଁ ମନବଳାଇଛି, ସେବେଠାରୁ ୟୁକ୍ରେନକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇ ଆସୁଛନ୍ତି ରାଷ୍ଟ୍ରପତି ପୁଟିନ୍ । ଆଉ ଶେଷରେ ୟୁକ୍ରେନ୍ ଉପରେ ଋଷ କରିଥିଲା ଆକ୍ରମଣ ।

# ଅଶାନ୍ତ ମଧ୍ୟପ୍ରାଚ୍ୟ ; ଇରାନ ଉପରେ ପୁଣି ଇସ୍ରାଏଲର ମିସାଇଲ ମାଡ଼



**ନୂଆଦିଲ୍ଲୀ(ଏଜେନ୍ସି) :** ପୁଣି ମଧ୍ୟପ୍ରାଚ୍ୟରେ ଘନେଇଲା ଇରାନ-ଇସ୍ରାଏଲ ଯୁଦ୍ଧ ଆଶଙ୍କା । କିଛି ଦିନର ବିରତି ପରେ ପୁନର୍ବାର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଆଜି ଇରାନ ଉପରେ ଇସ୍ରାଏଲ ମିସାଇଲ ମାଡ଼ କରିଛି । ଇରାନର ଇସ୍ଫାହନ ସିଟିରେ ଥିବା ବିମାନବନ୍ଦରକୁ ଟାର୍ଗେଟ୍ କରି ମିସାଇଲ ମାଡ଼ କରିଛି ଇସ୍ରାଏଲ । ଆକ୍ରମଣର ପ୍ରଭାବ ବାବଦରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ଆସିପାରି ନାହିଁ । କିଛି ଦିନ ତଳେ ସିରିଆରେ ଇରାନ ଦୂତାବାସ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏହାପରେ ଇରାନ ମଧ ପାଲଟା ଆକ୍ରମଣ କରିଥିଲା । ୧୪ ଏପ୍ରିଲରେ ଇରାନ ଇସ୍ରାଏଲ ଉପରେ ଶତାଧିକ ଡ୍ରୋନ୍ ଓ ମିସାଇଲ ମାଡ଼ କରିଥିଲା । କିନ୍ତୁ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ଇସ୍ରାଏଲ ପରବର୍ତ୍ତୀ ସମୟରେ ସ୍ପଷ୍ଟ କରିଥିଲା । ସେତେବେଳେ ଇରାନ ଚେତାବନୀ ଦେଇ କହିଥିଲା ଯେ, ଆମେ ଆଗକୁ ଆକ୍ରମଣ କରିବୁ ନାହିଁ । କିନ୍ତୁ ଇସ୍ରାଏଲ ଯଦି କୌଣସି ପ୍ରକାର କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତେବେ ଆମେ ଚୁପ୍ ରହିବୁନି । ହେଲେ ଇରାନର ଏହି ଧମକକୁ ଖାତିର କରିନି ଇସ୍ରାଏଲ । ଆଜି ପୁଣି ମିସାଇଲ ମାଡ଼ କରିବା ପରେ ଯୁଦ୍ଧ ପରିସ୍ଥିତି ଘନଉଥିବା ଆଶଙ୍କା କରାଯାଉଛି । ସେପଟେ ପାଲେଷ୍ଟାଇନ ସହ ମଧ ଇସ୍ରାଏଲର ବିବାଦ ଲାଗି ରହିଛି । ମଧ୍ୟପ୍ରାଚ୍ୟରେ ଏପରି ପରିସ୍ଥିତି ମଧ୍ୟରେ ଶାନ୍ତି ଶୃଙ୍ଖଳା ପାଇଁ ଜାତିସଂଘ ଅପିଲ୍ କରିଆସୁଛି । ଆଗକୁ ବିବାଦ କେଉଁ ମୋଡ଼ ନେଉଛୁ ତା’ ଉପରେ ସମସ୍ତଙ୍କ ନଜର ।

## ଆଇନ ଅଦାଲତ

# ହାଇକୋର୍ଟ ଦେଲେ ଗୁରୁତ୍ୱପୂର୍ଣ୍ଣ ରାୟ — ଗୋଟିଏ ମାମଲାର ବିଚାରାଧୀନ କଏଦୀ ନୂଆ ମାମଲାରେ ଲୋଡି ପାରିବେ ଆଗୁଆ ଜାମିନ

**କଟକ(ଏନ୍.ଏମ୍.) :** ଓଡ଼ିଶା ହାଇକୋର୍ଟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଗୋଟିଏ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଜଣେ ବ୍ୟକ୍ତି ଅନ୍ୟ ଏକ ମାମଲାରେ ଆଗୁଆ ଜାମିନ ଆବେଦନ କରି ପାରିବେ ବୋଲି ଆଜି ହାଇକୋର୍ଟ ରାୟ ଦେଇଛନ୍ତି । ଯଦି ତାଙ୍କୁ ସେହି ମାମଲାରେ ଆଗୁଆ ଜାମିନ ମିଳେ ତେବେ ପୂର୍ବ ମାମଲାରେ ମୁକ୍ତ ହେବା ପରେ ସଂପୃକ୍ତ ଅଭିଯୁକ୍ତଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକ୍ଷମ ହେବ । ପୂର୍ବ ମାମଲାରେ ହେପାଜତରେ ଥିବା ବେଳେ ଜେରା ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ତଦନ୍ତକାରୀ ସଂସ୍ଥା ପଦକ୍ଷେପ ନେଇ ପାରିବ । ଯଦି ରିମାଣ୍ଡ ମଞ୍ଜୁର କରି ନିର୍ଦ୍ଦେଶ ପ୍ରଦାନ କରାଯାଏ ତେବେ ଅଭିଯୁକ୍ତ ଆଉ ଆଗୁଆ ଜାମିନ ପାଇଁ ଆବେଦନ କରିପାରିବେ ନାହିଁ । ଏଭଳି କ୍ଷେତ୍ରରେ ସେ ନିୟମିତ ଜାମିନ ଲୋଡ଼ି ପାରିବେ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି । ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍.କେ.ଷଡ଼ଙ୍ଗୀ ଓ ପ୍ରଥମ ପାତ୍ରଙ୍କ ପକ୍ଷରୁ ଦାୟର ପୃଥକ ଆଗୁଆ ଜାମିନ ଆବେଦନର ଏକତ୍ର ଶୁଣାଣି କରି ହାଇକୋର୍ଟ ଏପରି ରାୟ ପ୍ରଦାନ କରିଛନ୍ତି । ଏସ. କେ. ଷଡ଼ଙ୍ଗୀ ବିରୋଧରେ ଇଓଡବ୍ଲୁରେ ମାମଲା ଥିବା ବେଳେ ପ୍ରଥମ କାଳିମେଳା ଥାନା ମାମଲାରେ ଗିରଫ ହୋଇଥିଲେ । ଦୁଇ ଆବେଦନକାରୀ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ସେମାନଙ୍କ ବିରୋଧରେ ଅନ୍ୟ ଅପରାଧିକ ମାମଲା ରୁଜୁ ହୋଇଥିଲା । ଜେଲ୍‌ରେ ଥାଇ ନୂଆ ମାମଲାରେ ଆଗୁଆ ଜାମିନ ଲୋଡ଼ି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗୋଟିଏ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ତାଙ୍କ ବିରୋଧରେ ରୁଜୁ ଅନ୍ୟ ଏକ ମାମଲାରେ ଆଗୁଆ ଜାମିନ ଲୋଡ଼ି ଦାୟର କରିଥିବା ଆବେଦନ ଆଇନ ଅନୁସାରେ ଗ୍ରହଣୀୟ ବା ନୁହେଁ ସେ ନେଇ ଶୁଣାଣି ସମୟରେ ପ୍ରଶ୍ନ ଉଠିଥିଲା । ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଓ ଦେଶର ଅନ୍ୟ ହାଇକୋର୍ଟ ପ୍ରଦାନ କରିଥିବା ରାୟର ନଜିର ଉପସ୍ଥାପନ କରାଯାଇଥିଲା । ଏଥିସହିତ ସମ୍ବିଧାନ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାଧୀନତା ମୌଳିକ ଅଧିକାର ପ୍ରସଙ୍ଗରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଅନୁସୂଚିତ ଜାତି ଓ ଜନଜାତିଙ୍କ ସୁରକ୍ଷା ପାଇଁ ରହିଥିବା ଆଇନରେ ରୁଜୁ ମାମଲାରେ ଆଗୁଆ ଜାମିନ ପ୍ରଦାନ ଉପରେ କଟକଣା ରହିଛି । ଏଭଳି କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆଗୁଆ ଜାମିନ ଆବେଦନ ଗ୍ରହଣୀୟ ନୁହେଁ । କିନ୍ତୁ ଗୋଟିଏ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ତାଙ୍କ ବିରୋଧରେ ରୁଜୁ ଅନ୍ୟ ନୂଆ ମାମଲାରେ ସିଆରପିସିର ଧାରା ୪୩୮ରେ ଆଗୁଆ ଜାମିନ ଦାୟର କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ ।

# ନିଆଳି ଆମ୍ବପଦା ଶିକ୍ଷୟତ୍ରୀଙ୍କୁ କଟୁରୀରେ ହାଣିବା ମାମଲା ଆସାମୀ ବିଭୂତି ଭୂଷଣକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ



**କଟକ(ଏନ୍.ଏମ୍.) :** ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢାଉଥିବା ଜଣେ ଶିକ୍ଷୟତ୍ରୀଙ୍କୁ ହତ୍ୟା ଉଦ୍ୟମ କରି କଟୁରୀରେ ହାଣିବା ମାମଲାରେ କଟକର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ସହକାରୀ ସେସନ୍ ଜଜ୍ ଆସାମୀ ବିଭୁତି ଭୂଷଣ ମହାନ୍ତି (୫୫)କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହିତ କୋର୍ଟ ତାକୁ ୧୦ ହଜାର ଟଙ୍କାର ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ସେହିପରି ଜୋରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ତଦନ୍ତ କରି ଆଇନ ଅନୁସାରେ ପିଡିତ କ୍ଷତିପୂରଣ ଯୋଜନାରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । କଟକ ଜିଲ୍ଲାର ନିଆଳି ଥାନା ଅଧିନସ୍ଥ ଆମ୍ବପଦା ଅଂଚଳରେ ଘଟଣାଟି ଘଟିଥିବା ନେଇ ଗତ ୨୦୧୯ ଜୁଲାଇ ୧ ତାରିଖରେ ଏତଲାକାରୀ ଡଲି ମୁଦୁଲି ଅଭିଯୋଗ କରିଥିଲେ । ଏତଲାକାରୀ ତାଙ୍କ ଏତଲାରେ ଦର୍ଶାଇଥିଲେ ଯେ ତାଙ୍କ ଝିଆରୀ ସୁଚିସ୍ମିତା ମୁଦୁଲି ସ୍ଥାନୀୟ ଆମ୍ବପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ସେ ଘଟଣା ଦିନ ବିଦ୍ୟାଳୟରେ କ୍ଲାସ୍ ନେଉଥିବାବେଳେ ଅଭିଯୁକ୍ତ ବିଭୁତି ଭୂଷଣ ମହାନ୍ତି (୫୫) ଏକ ଧାରୁଆ କଟୁରୀ ନେଇ ବିଦ୍ୟାଳୟରେ ପଶି ସୁଚିସ୍ମିତାର କାନ୍ଧ, ବେକ ଓ ହାତକୁ ହାଣି ଚାଲିଥିଲା । ବିଭୁତିର ଏହି ଆକ୍ରମଣରେ ସୁଚିସ୍ମିତା ଅଚେତ୍ ହୋଇପଡିବାରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ଏତଲାକାରୀ ଓ ସ୍ଥାନୀୟ ଲୋକେ ସୁଚିସ୍ମିତାକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ସୁଚିସ୍ମିତାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଥିଲା । ନିଆଳି ପୁଲିସ୍ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ ତା ବିରୋଧରେ ୨୦୧୯ ମସିହା ଅକ୍ଟୋବର ୧୦ ତାରିଖରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା । ସେହିପରି କୋର୍ଟ ୨୦୨୦ ମସିହା ଜାନୁୟାରୀ ୧୬ ତାରିଖରେ ବିଭୁତି ଭୂଷଣ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କଟକର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ସହକାରୀ ସେସନ୍ କୋର୍ଟରେ ଏହି ମାମଲାକୁ ଆଡିସିନାଲ୍ ପବ୍ଲିକ୍ ପ୍ରସିକ୍ୟୁଟର୍ ଏମ୍.ଏମ୍. ବେଗ୍ ପରିଚାଳନା କରୁଥିଲେ ।

# ମୋ ସ୍ୱାମୀ ନିର୍ଦ୍ଦୋଷ : ହାଇକୋର୍ଟରେ ଅପିଲ କଲେ ପତ୍ନୀ ପିଙ୍କି

**କଟକ(ଏନ୍.ଏମ୍.) :** କନ୍ଧମାଳ ଜିଲ୍ଲା ଜି-ଉଦୟଗିରି ଥାନା ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମର ବିଜୟ ନାୟକ ସାତ ବର୍ଷର ନାବାଳିକା ଝିଅକୁ ଦୁଷ୍କର୍ମ କରିଥିବା ମାମଲାରେ ୨୫ବର୍ଷ ତଳ କୋର୍ଟର ସଜା କରାଯାଇଛି । ଅଭିଯୁକ୍ତ ବିଜୟ ସଜା ୨୫ ବର୍ଷରୁ ୩ବର୍ଷରୁ ଉର୍ଦ୍ଧ୍ୱକାଳ ସଜା କାଟିସାରିଲେଣି । କିନ୍ତୁ ଘଟଣାର ପରିପାର୍ଶ୍ୱିକ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଅଟେ । ସୂଚନାଯୋଗ୍ୟ, ଉଭୟେ ପୀଡ଼ିତା ଓ ଅଭିଯୁକ୍ତ ଗୋଟିଏ ଗ୍ରାମର ସାମ୍ନାସାମ୍ନିରେ ରହୁଥିବାବେଳେ ଉଭୟେ ଅଜା ନାତୁଣୀ ସମ୍ପର୍କ । ଉକ୍ତ ଘଟଣା ଦିନ ଝିଅଟି ଚକ୍ଲେଟ ଖାଇବା ପାଇଁ ବିଜୟଙ୍କ ଦୋକାନକୁ ଯାଇଥିଲା । ଚକ୍ଲେଟ୍ ଦେବା ବାହାନାରେ ବିଜୟ ଝିଅର ଶରୀରର ବିଭିନ୍ନ ଆପତ୍ତିଜନକ ଜାଗାରେ ହାତ ମାରିବା ସହ ଦୁଷ୍କର୍ମ କରିଥିବାର ଖବର ସେହିଦିନ ରାତିରେ ଝିଅଟି କାନ୍ଦୁଥିବା ବେଳେ ମା’ ପଚାରିବାରୁ ସେ ଏହି ବିଷୟରେ ସବୁ କଥା କହିଥିଲା । ଏହି ଘଟଣାକୁ ନେଇ ଝିଅର ପରିବାର ବର୍ଗ ୨-୧୨-୨୦୨୦ରେ ଜି-ଉଦୟଗିରି ଥାନାରେ ଏକ କେସ ଦାୟର କରିଥିଲେ । ସେହି କେସକୁ ଆଧାର କରି ସେତେବେଳର ଥାନାର ତଦନ୍ତ ଅଧିକାରୀ ଚଞ୍ଚକତା କରି ସେହି ଗୋଟିଏ ଦିନରେ ଅଭିଯୁକ୍ତକୁ ଗିର’ କରିବା ସହ ବିଜୟଙ୍କ ସମସ୍ତ ବିରୋଧୀ ଗୋଷ୍ଠୀଙ୍କୁ ଏକତ୍ରିତ କରି ସାକ୍ଷୀ ଭାବେ ଯୋଗାଡ କରି ବିଜୟକୁ କୋର୍ଟ ‘ରୁୱାର୍ଡ’ କରିଥିଲେ । ସେହି ସମୟରେ ଗ୍ରାମର ସେତେବେଳର ସରପଞ୍ଚ ସମସ୍ତ ତଥ୍ୟକୁ ଆଧାର କରି ମାମଲାଟି ସମ୍ପୂର୍ଣ୍ଣ ମିଥ୍ୟା ଅଟେ ବୋଲି ଥାନା ଅଧିକାରୀଙ୍କୁ ମ୍ଭ କହିଥିଲେ । ଅପରପକ୍ଷେ ଉକ୍ତ ଘଟଣାରେ ଅଭିଯୁକ୍ତ ବିଜୟଙ୍କ ଉପରେ ପୋକ୍ସୋ ଆକ୍ଟ ଲାଗିବା ଦ୍ୱାରା ପୀଡ଼ିତାଙ୍କ ପରିବାର ବର୍ଗକୁ ସରକାରଙ୍କ ତର‘ରୁ ୭ଲକ୍ଷ ଟଙ୍କା ମିଳିଥିଲା । ଏହି ଟଙ୍କା ପାଇବା ପାଇଁ ଏସବୁ ଘଟଣା ଘଟାଯାଇଛି ବୋଲି ଗ୍ରାମବାସୀମାନେ ଅଭିଯୋଗ ଆଣିଛନ୍ତି । ଅଭିଯୁକ୍ତ ବିଜୟ ନାୟକ ଜଣେ ନିରୀହ ସ୍ୱଭାବର ଲୋକ, ତେଣୁ ସେ ଏଭଳି କାର୍ଯ୍ୟ କେବେବି କରିପାରିବେ ନାହିଁ ବୋଲି ପରିବାର ଲୋକଙ୍କ ବ୍ୟତୀତ ଗ୍ରାମବାସୀମାନେ ମଧ ଏକଥାକୁ ଦୋହରାଇବା ସହ ଏଭଳି ଏକ ସମ୍ବେଦନଶୀଳ ଘଟଣାର ପୁନର୍ବିଚାର କରିବା ପାଇଁ ଆଜି (ଶୁକ୍ରବାର) ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଜୟଙ୍କ ପତ୍ନୀ ପିଙ୍କି ନାୟକ ଅପିଲ କରିଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି । ଏହି କେଶଟିକୁ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଇନଜୀବୀ ସୁରେଶ କୁମାର ପଣ୍ଡା ଏବଂ ତାଙ୍କର ସହଯୋଗୀମାନେ ପରିଚାଳନା କରୁଛନ୍ତି । ଏଥିସହିତ ଜାତୀୟ ମହିଳା ସେଲର ସଭାନେତ୍ରୀ ଡ଼ଃ ସୌଦାମିନୀ ଚୌଧୁରୀ ଏବଂ ଥିଙ୍କ ମାନବିକ ଅଧିକାର ସଂଗଠନର ଦକ୍ଷିଣ ଜୋନ ସଭାପତି ଚନ୍ଦନ ନାୟକ, ସାନିତା ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ସହଯୋଗ ଯୋଗାଇ ଦେଇଆସୁଛନ୍ତି ।

# ପୁଲିସ ଅଧିକାରୀଙ୍କୁ ଭର୍ତ୍ତୃହରି ମହତାବଙ୍କ ଦୁର୍ବ୍ୟବହାର ଅଭିଯୋଗ ମାମଲା : ୩୦ରେ ପରବର୍ତ୍ତୀ ଶୁଣାଣି

**କଟକ(ଏନ୍.ଏମ୍.) :** ପୁଲିସ ଅଧିକାରୀଙ୍କୁ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ଜେଏମ୍ଏଫ୍‌ସି କୋର୍ଟରେ ସଂପୃକ୍ତ ପୁଲିସ ଅଧିକାରୀଙ୍କୁ ଜେରା କରାଯାଇଛି । ଆସନ୍ତା ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାଯାଇଛି । ୨୦୧୧ ଜାନୁଆରି ୨୩ରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଆୟୋଜିତ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମ ସମୟରେ ଏହି ଘଟଣା ଘଟିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ରକ୍ଷା କାର୍ଯ୍ୟରେ ନିୟୋଜିତ ତତ୍କାଳୀନ ପୁଲିସ୍ ଏସ୍ଆଇ (ବର୍ତ୍ତମାନର ଏସିପି) ଅମିତାଭ ମହାପାତ୍ର ଓ ଶ୍ରୀ ମହତାବଙ୍କ ମଧ୍ୟରେ ଏହି ବିବାଦ ହୋଇଥିଲା । ଏହି ଘଟଣାକୁ ନେଇ ଦରଘାବଜାର ଥାନାରେ ଶ୍ରୀ ମହାପାତ୍ର ଏତଲା ଦେଇଥିଲେ । ଅଭିଯୋଗର ତଦନ୍ତ ପରେ ୨୦୧୮ ମାର୍ଚ୍ଚ ୧୯ରେ ଶ୍ରୀ ମହତାବଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା । ଏହି ମାମଲାରେ ପୂର୍ବରୁ ଶ୍ରୀ ମହତାବଙ୍କୁ ହାଜର ହେବା ପାଇଁ ଅଦାଲତ ସମନ୍ ଜାରି କରିଥିଲେ । କିନ୍ତୁ ସେ ନଆସିବାରୁ ଅଦାଲତ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ । ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ଓ ଦାୟିତ୍ୱ ସମ୍ପାଦନରେ ବାଧା ଅଭିଯୋଗ ମାମଲାରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ବିରୋଧରେ କଟକ ଜେଏମ୍ଏଫସି ଅଦାଲତରେ ଚାର୍ଜଫ୍ରେମ ହୋଇଛି । ସାଂସଦ ଓ ବିଧାୟକଙ୍କ ବିରୋଧରେ ରହିଥିବା ମାମଲାର ବିଚାର କରୁଥିବା ଜେଏମ୍ଏଫସି ଦୀପଙ୍କର ବଳଙ୍କ ଅଦାଲତରେ ଶ୍ରୀ ମହତାବ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ।

ନିଷ୍କର୍ଷ
NISHKARSHA



ସମ୍ପାଦକୀୟ

## ସାର୍ବଜନୀକ ସ୍ଥାନରେ ଧାର୍ମିକ ପରମ୍ପରାର ପାଳନ ଓ ଇସଲାମ୍ ଏହାର ବ୍ୟବସ୍ଥା

ଇସଲାମ୍ ଏହାର ଅନୁଗାମୀ ମାନଙ୍କୁ ଦୈନିକ ପାଂଚଥର ନମାଜ ପଢିବାକୁ ନିର୍ଦ୍ଦେଶ ଦେଇଥାଏ ଏବଂ ଏହା ସହିତ ସମାଜର ଅନ୍ୟମାନଙ୍କ ସହିତ ସମ୍ମାନସ୍ବଦ ଓ ବିଚାରଶୀଳ ହେବାପାଇଁ କହିଥାଏ । ତେଣୁ ମୁସଲମାନ ମାନଙ୍କୁ ନମାଜ୍ ପଢିବା ସମୟରେ ତାଙ୍କର ଧାର୍ମିକ କର୍ତ୍ତବ୍ୟ ଓ ଅନ୍ୟମାନଙ୍କୁ ଯେପରି ଅସୁବିଧା ନ ହୁଏ ତାହା ମଧ୍ୟରେ ଭାରସାମ୍ୟ ରଖିବାକୁ ପଡିଥାଏ । ଗତକିଛି ଦିନ ତଳେ ଦିଲ୍ଲୀରେ ଏକ ଘଟଣା ଘଟିଥିଲା ଯେତେବେଳେ କିଛି ବ୍ୟକ୍ତି ରାସ୍ତା ଉପରେ ନମାଜ ପଢୁଥିବା ବେଳେ ଜଣେ ପୋଲିସ ଅଧୀକାରୀ ତାଙ୍କୁ ମାଡମାରି ଥିଲେ, ଯାହାଦ୍ୱାରା ଏକ ବିତର୍କ ଆରମ୍ଭ ହୋଇଯାଇଥିଲା । କିଛି ଲୋକ ଉକ୍ତ ପୋଲିସ୍ ଅଫିସରକୁ ନିନ୍ଦା କରୁଥିବା ବେଳେ, କିଛି ଲୋକ ଉକ୍ତ ମୁସଲମାନ ବ୍ୟକ୍ତି ମାନଙ୍କୁ ସାର୍ବଜନୀକ ସ୍ଥାନରେ ଅନ୍ୟମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ପାଇଁ ନିନ୍ଦା କରିଥିଲେ । ତେଣୁ ଏହି ବିଷୟରେ ଧର୍ମଗ୍ରନ୍ଥ ଗୁଡିକରେ ପ୍ରକୃତରେ କଣ ବ୍ୟବସ୍ଥା ରହିଛି ତାହା ଅନୁଶୀଳନର ବିଷୟ ଅଟେ ।

ଇସଲାମ ସର୍ବଦା ଶାନ୍ତି ଓ ସୌହାଦ୍ୟକୁ ପ୍ରାଧାନ୍ୟ ଦେଇଥାଏ ଏବଂ ମୁସଲମାନ ମାନଙ୍କୁ ସହନଶୀଳ ହୋଇ ସାମୁହିକ ସାର୍ଥ ପାଇଁ ବ୍ୟକ୍ତିଗତ ସାର୍ଥକୁ ତ୍ୟାଗ କରିବା ପାଇଁ କୁହାଯାଇଥାଏ । ରାସ୍ତା ଉପରେ ନମାଜ ପଢିବା ବିଷୟରେ ଏହା ପ୍ରଥମେ ଦେଖିବାକୁ ହେବ ଯେ ରାସ୍ତା ଗୁଡିକ ଏକ ସ୍ଥାନର ଜୀବନ ରେଖା ହୋଇଥାଏ, ସେହି ଜାଗାରେ ଭିଡ ସୃଷ୍ଟି କଲେ ଅନ୍ୟମାନଙ୍କୁ ଅସୁବିଧା ସୃଷ୍ଟି ହୋଇଥାଏ । ତେଣୁ ଏହି ପରିପ୍ରେକ୍ଷୀରେ ମୁସଲମାନ ମାନଙ୍କୁ ନମାଜ୍ ପଢିବାକୁ ସର୍ବଦା ଏକ ସୁବିଧାଜନକ ସ୍ଥାନ ନିରୂପଣ କରିବା ଉଚିତ୍ ? କାରଣ ଏହା ଆଧାତ୍ମିକ ପ୍ରତିଫଳନର ଏକ ପଥ ଅଟେ । ତେଣୁ କୌଣସି ନିର୍ଜନ ସ୍ଥାନ ଅଥବା ନିର୍ଧାରିତ ସ୍ଥାନରେ ନମାଜ ପାଠ କରିବା ଉଚିତ୍ ଯାହାଦ୍ୱାରା ଅନ୍ୟମାନଙ୍କର କୌଣସି ପ୍ରକାର ଅସୁବିଧା ହେବ ନାହିଁ । ଉଦାହରଣ ସରୂପ ଏକ ବିଶ୍ୱବିଦ୍ୟାଳୟରେ ଜଣେ ମୁସଲମାନ ଛାତ୍ର କୌଣସି ବ୍ୟସ୍ତ ବହୁଳ ପାଠାଗାରରେ ନମାଜ ପଢିବା ବଦଳରେ ଉକ୍ତ କାର୍ଯ୍ୟପାଇଁ ନିର୍ଦ୍ଧାରିତ ସ୍ଥାନ ବ୍ୟବହାର କରିବା ଉଚିତ୍ । ଏହା ଦ୍ୱାରା ସେ ନିଜର ଧାର୍ମିକ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ଅନ୍ୟ ମାନଙ୍କ ପାଇଁ କୋଣସି ଅସୁବିଧା ସୃଷ୍ଟି କରିବ ନାହିଁ । ଏହିପରି ସନ୍ତୁଳନ ଦ୍ୱାରା ସାର୍ବଜନୀକ ସ୍ଥାନରେ ବିଭିନ୍ନ ଧର୍ମବିଶ୍ୱାସ ରଖୁଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପରସ୍ପର ମଧ୍ୟରେ ବୁଝାମଣା ବିକଶିତ କରାଯାଇ ପାରିବ । ଆଲୋଚନା ଦ୍ୱାରା, ବ୍ୟକ୍ତି ମାନେ ଅନ୍ୟମାନଙ୍କ ବିଶ୍ୱାସ ଓ ଖୋଲା ଓ ସମ୍ମାନପୂର୍ଣ୍ଣ ଆବଶ୍ୟକତା ଗୁଡିକୁ ଉଚିତ୍ ଭାବରେ ବୁଝିପାରିବେ, ଯାହା ଦ୍ୱାରା ପରସ୍ପରକୁ ସୁହାଉଥିବା ଭଳି ସମାଧାନର ବାଟ ଉନ୍ମୁକ୍ତ ହୋଇ ପାରିବ । ଏହି ପରି ସାମୁହିକ ପ୍ରଚେଷ୍ଟା ଦ୍ୱାରା ସମୁଦାୟଙ୍କ ମଧ୍ୟରେ ଏକତା ଓ ସହଭାଗିତା ବିକଶିତ ହୋଇ, ବିବିଧ ଧର୍ମ ସମୂହଙ୍କ ମଧ୍ୟରେ ସୌହାଦ୍ୟ ସ୍ଥାପନ ହୋଇପାରିବ । ତେଣୁ ଏହି ପରିପ୍ରେକ୍ଷୀରେ ସମାବେଶୀ ଓ ସହନଶୀଳ ସମାଜ ସ୍ଥାପନ ପାଇଁ ସମୁଦାୟଙ୍କ ମଧ୍ୟରେ ବୁଝାମଣା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହିପରି ସମାଜରେ ବ୍ୟକ୍ତି ନିର୍ଭୟ ଓ ସ୍ୱାଧୀନ ଭାବରେ ନିଜର ଧର୍ମ ବିଶ୍ୱାସର ପରିପ୍ରକାଶ କରି ପାରିବ । ଭେଦଭାବମୁକ୍ତ ସମାଜ ଗଠନ କରିବାକୁ ହେଲେ ସମ୍ମାନସ୍ବଦ ବୁଝାମଣା ହିଁ ଆବଶ୍ୟକ ହୋଇଥାଏ । ଉଦାହରଣ ସରୂପ ଯୁକ୍ତରାଷ୍ଟ୍ର ଆମେରିକା ଭଳି, ବିବିଧତାପୂର୍ଣ୍ଣ ଦେଶରେ, ସର୍ବସାଧାରଣ ସ୍ଥାନରେ ଧାର୍ମିକ ଚିହ୍ନ ଗୁଡିକ ପ୍ରଦର୍ଶିତ ହୋଇ ପାରିବ ନା ନାହିଁ ତାହା ଏକ ବିର୍ତକର ବିଷୟ ହୋଇଥିଲା । କିଛି ଲୋକ ଯୁକ୍ତି ବାଢି ଥିଲେ ଯେ ରାଜ୍ୟ ଓ ଧର୍ମ ମଧ୍ୟରେ ଦୂରତା ରଖିବାର ବ୍ୟବସ୍ଥାର ବିରୋଧଭାଷ କରୁଛି । ଅନ୍ୟ ମାନେ ଯୁକ୍ତି ବାଢିଥିଲେ ଏହା ଦ୍ୱାରା ସେମାନେ ସାଧୀନ ଭାବରେ ନିଜର ଧର୍ମପାଳନ କରି ପାରିବେ । ତେଣୁ ଏହି ଦୁଇପକ୍ଷ ମଧ୍ୟରେ ଏକ ପ୍ରକାର ଖୋଲା ଆଲୋଚନା କରାଯାଇ ଏକ ସମାଧାନର ବାଟ ବାହାର କରାଯାଇଥିଲା । ଯାହାର ଅର୍ନ୍ତଗତ ସାର୍ବଜନୀନ ସ୍ଥାନରେ ଏକାଧୀକ ଧାର୍ମିକ ଚିହ୍ନ କିମ୍ବା ଘୂର୍ଣ୍ଣାୟମାନ ଧାର୍ମିକ ଚିତ୍ର ଗୁଡିକୁ ଦର୍ଶାଯାଇଥିଲା । ଯାହା ଫଳରେ ଭିନ୍ନ ଦୃଷ୍ଟିକୋଣ ଗୁଡିକୁ ଦର୍ଶାଯାଇ, ଧାର୍ମିକ ସାଧୀନତାର ସିଦ୍ଧାନ୍ତକୁ ଉଜ୍ଜୀବିତ କରାଯାଇଥିଲା । ଏହା ପବୀତ୍ର ରମଜାନ ମାସର ଅନ୍ତିମ ଶୁକ୍ରବାର ନମାଜ୍ ଓ ଇଦ-ଉଲ୍-ଫିତର ଅତିଶୀଘ୍ର ପାଳନ ହେବ । ଏହି ଉତ୍ସବରେ ମସଜିଦ୍, ଇଦ୍ ?ହ ଓ ଦରଗାହ ଗୁଡିକରେ ଅନେକ ଭକ୍ତ ଜମା ହୋଇଥାଆନ୍ତି । ତେଣୁ ମୁସଲମାନ୍ ଭାଇ ମାନେ ନିଜର ପୂର୍ବପୁରୁଷ ତଥା ଇସଲାମିକ୍ ଦୃଷ୍ଟିକୋଣ ଗୁଡିକରୁ ଶିକ୍ଷାନେଇ, ଏହି ଉତ୍ସବ ପାଳନ ଅବସରରେ ଯେପରି ଜନସାଧାରଣ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡେ ସେଥିପ୍ରତି ଯତ୍ନବାନ ହେବା ଉଚିତ୍ କାରଣ ଇସଲାମ୍ ସର୍ବଦା ଅନ୍ୟମାନଙ୍କର ବିଶ୍ୱାସ ଓ ଭାବନାକୁ ସମ୍ମାନ ଦେବା ପାଇଁ ଶିକ୍ଷା ଦେଇ ଥାଏ ।

- ଅଲତାଫ୍ ମିର
ପିଏଚଡି ଛାତ୍ର, ଜାମିଆ ମିଲିଆ ଇସଲାମିଆ

# ଅଭିଶପ୍ତ ଜୀବନ

ପଙ୍କଜ କୁମାର ପାଣିଗ୍ରାହୀ

**ମଣିଷକୁ ପ୍ରକୃତି ଯାହା କରିଛି ସେଥିରୁ ବ୍ୟତିକ୍ରମ ଜୀବନ ବଂଚିବା ଅଭିଶପ୍ତ ଜୀବନ।**
**ବ୍ୟତିକ୍ରମ ହୁଏ କାହିଁକି ଏବଂ ତା ପାଇଁ ମଣିଷ ନିଜେ ଦାୟୀ ନା ଜନ୍ମଦାତ୍ରୀ ପ୍ରକୃତି ?**
**ବିଚାର କରିବା...**

ନିଜର ଜନ୍ମ ଓ ଜୀବନ ରହସ୍ୟ ବୁଝିବାରେ ଅକ୍ଷମ ମଣିଷ, ସମୟ ସ୍ରୋତରେ ନିଜକୁ ପରିଚାଳିତ କରୁଥିବା ଶୈଖିକ ଜୀବନଧାରଣ ଶୈଳୀରେ ନିମଗ୍ନ ଆଜିର ସାଧାରଣ ଲୋକେ ଜାଣନ୍ତି ନାହିଁ ମଣିଷ ଜୀବନର ପ୍ରାକୃତିକ ଉପଲବ୍ଧି । ଜୀବନକୁ ଏକ ପ୍ରତ୍ୟାବର୍ତ୍ତିତ ଢଙ୍ଗରେ ଅନୁଭବ କରିବା ସାଧାରଣ ମଣିଷର ନିଜସ୍ୱ ଅନୁଭୂତି କିମ୍ବା ସ୍ୱଜ୍ଞାନ ଜନିତ ଭାବଧାରା ନୁହେଁ । ମଣିଷର ଜ୍ଞାନ ସୃଷ୍ଟି ହେବା ସମୟରୁ ଏହା ଏକ ସାମାଜିକ ଶୈଖିକ ଚରିତ୍ର ଭାବେ ପ୍ରଚଳିତ ହୋଇ ଆସୁଅଛି ଯାହା ସମଗ୍ର ଜନମାନସକୁ ଅସନ୍ତୁଳିତ, ଆନ୍ଦୋଳିତ କରି ରଖିଛି ଅଦ୍ୟାବଧି । ସାଧାରଣ ମଣିଷ ସମୂହଙ୍କ ମଧ୍ୟରେ କେତେକ ପ୍ରାକୃତିକ ବିଚକ୍ଷଣ ଚତୁର ମଣିଷଙ୍କ ଜନ୍ମ ରହସ୍ୟ ବିଷୟରେ ମଧ୍ୟ ବୁଝିଛନ୍ତି କେତେଜଣ ଯେ ତାକୁ ସମୀକ୍ଷା କରି ସାର୍ବଜନୀନ କରିହେବ ? ମଣିଷ ସବୁବେଳେ ନିଜକୁ ଅନ୍ୟ ସହିତ ତୁଳନାତ୍ମକ ବିଚାର ରଖି ଯାହା ସବୁ କରି ଚାଲିଛି ସେଗୁଡିକର ଉପଯୁକ୍ତ ସମୀକ୍ଷା ଜ୍ଞାନ ରହିତ ସାଧାରଣ ମଣିଷଙ୍କ ଜୀବନ ଶୈଳୀ ଗୋଟିଏ ଗୋଟିଏ ଅଭିଶପ୍ତ ଜୀବନ ଭଳି ବଂଚୁଥିବା ଜାଣିହେବ ସୂକ୍ଷ୍ମ ଅନୁଧାନ କଲେ । ଜୀବନର ପ୍ରକୃତ ସୁଖ ଅନୁଭବ ଏକ ଅସୀମୀଚୀନ ବିଷୟରେ ରହିଯାଇଛି ମଣିଷ ମନରେ ଯାହାର କୌଣସି ବ୍ୟବଛେଦ ନାହିଁ କିମ୍ବା ପ୍ରକୃତ ବିଶ୍ଳେଷଣ ନାହିଁ କେଉଁଠାରେ । କେବଳ ସ୍ୱାର୍ଥାନ୍ଧଙ୍କ ପ୍ରରୋଚନାରେ ନିର୍ବୋଧଙ୍କ ଜୀବନ ବଞ୍ଚିବା ଶୈଳୀରେ ପରିଚାଳିତ ଆଜିର ସମାଜରେ ସାଧାରଣ ମଣିଷଙ୍କ ଅସହ୍ୟ ଯନ୍ତ୍ରଣାର ଉପଶମ ହେବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ପରିସ୍ଥିତି ଆଡ଼କୁ ମୁହାଁଉଥିବା ମଣିଷ ଜୀବନରେ ଶାନ୍ତି ଅନୁଭବ ହେବ କିପରି ଏବଂ କେବେ ! ଏକ ପ୍ରଶ୍ନବାଚୀ ହୋଇ ରହିଯାଇଅଛି ସମସ୍ତଙ୍କ ମନରେ ଅଦ୍ୟାବଧି ....

ଅଭିଶପ୍ତ ଜୀବନ ଅର୍ଥ କ'ଣ ? ପୌରାଣିକ ଚେତନାରେ ଆଧାରିତ କେତେକ ବିଷୟରେ ମୁନି, ଋଷିଙ୍କ ଦ୍ୱାରା ଅଭିଶାପ ଦିଆଯାଉଥିବା ବର୍ଣ୍ଣନା ପ୍ରାୟତଃ ସମସ୍ତେ ଜାଣିଥିବେ । କୌଣସି ଅକର୍ତ୍ତବ୍ୟ କଲେ ସେମାନେ ଅଭିଶାପ ଦେଇ କୁସଂସ୍କାରୀକୁ ଦଣ୍ଡିତ କରୁଥିବା ଆମେ ଶୁଣିଛେ । ଅର୍ଥାତ ଜଣେ ମଣିଷ ଯଦି କୌଣସି ଅମାନବୀୟ କିମ୍ବା ଅନ୍ୟକୁ ଆଘାତ କରିବା ଭଳି କାର୍ଯ୍ୟ କରେ ତାହେଲେ ତାକୁ ଅଭିଶାପ ଦିଆଯାଉଥିଲା ଯାହା ସେହି ମଣିଷ ପାଇଁ ଏକ କଠୋର ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଏ । ଆଜିର ମଣିଷ କି'ନ୍ତୁ କାହାଠାରୁ ଅଭିଶାପ ପାଉଛି ଅଥବା ଅଭିଶପ୍ତ ଜୀବନ ବିତାଉଛି ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ବିଚାର କରି ଦେଖିବା...

ଆଜି ଆଉ ମୁନି, ଋଷି ନାହାନ୍ତି କିମ୍ବା ସେହିଭଳି କୌଣସି ପରିସ୍ଥିତି ସୃଷ୍ଟି ହେଉନାହିଁ ଯାହା ପୁରାଣରେ ବର୍ଣ୍ଣିତ । ମଣିଷ କି'ନ୍ତୁ ସେହି ମୁନି, ଋଷିଙ୍କ ଅଭିଶାପ ଠାରୁ ଆହୁରି କଠୋର ପରିସ୍ଥିତିର ସାମ୍ନା କରି ବଞ୍ଚୁଛି ଯାହା ସମସ୍ତଙ୍କ ପାଇଁ ବ୍ୟାପକ କଷ୍ଟକର ହୋଇପଡୁଛି । ହେଲେ ମଣିଷର ଦୁଃଖ ଦୁର୍ଦ୍ଦଶା ପାଇଁ ଦାୟୀ କିଏ ? ଜନ୍ମଦାତ୍ରୀ ପ୍ରକୃତି ସେହିଭଳି କୌଣସି ହିଂସାତ୍ମକ ପରିବେଶ ସୃଷ୍ଟି କରୁଛି ନା କୌଣସି ସାମାଜିକ ସଂଯୋଜିତ କାରଣରୁ ମଣିଷ ଦୁଃଖ ପାଉଛି ବା ସୁଖର ଅନୁଭବ କରିପାରୁ ନାହିଁ ? ବାସ୍ତବିକ ଦେଖିବାକୁ ଗଲେ ସେମିତି କୌଣସି ପ୍ରାକୃତିକ ପରିବେଶ ଅପେକ୍ଷା ମଣିଷର ନିଜସ୍ୱ କର୍ମରୁ ହିଁ ସୁଖ, ଦୁଃଖର ଅନୁଭବ ହୋଇଥାଏ ଯାହା ହୁଏତ ମଣିଷ ସଠିକ୍ ରୂପେ ଆକଳନ, ସମୀକ୍ଷା କରିପାରୁନାହିଁ । ସେହି କାରଣରୁ ଅନେକ ସମୟରେ ମଣିଷ କୌଣସି ସାମାଜିକ ସଂଯୋଜିତ କୃତ୍ରିମ ସୁଖକୁ ହିଁ ପ୍ରକୃତ ସୁଖ ବୋଲି ବିଚାରି ନିଜର ଜନ୍ମ ତଥା ମଣିଷ ଜୀବନର ପ୍ରକୃତ ସୁଖ ଅନୁଭବ କରିବାରେ ଅକ୍ଷମ ରହୁଥିବା ଜାଣିହେବ ଅନୁଧାନ କଲେ ।

ନିଜସ୍ୱ ଅନ୍ତର୍ଜ୍ଞାନ ତଥା ବିବେକ ଚାଳିତ ଜୀବନଧାରା ମଣିଷକୁ ସତ୍ୟ/ଅସତ୍ୟର ପଥ ପ୍ରଦର୍ଶିତ କରିବାରେ ସାହାଯ୍ୟ କରିଥାଏ । ଅନ୍ୟ ଉପରେ ନିର୍ଭର କରି କିମ୍ବା କାହାକୁ ଅନୁସରଣ / ଅନୁକରଣ କରି ନିଜର ଜୀବନପଥ ଅତିକ୍ରମ କରୁଥିବା ମଣିଷକୁ ଲୁଣ୍ଠିତ / ପ୍ରତାରିତ ହେବାକୁ ପଡିବ ନିଶ୍ଚୟ । କାରଣ ଯଦି ଆମେ ଆଜି ସମୟର ପରିପାର୍ଶ୍ୱିକ ପରିସ୍ଥିତିକୁ ଅନ୍ନ୍ୱାନ କରିବା ତାହେଲେ କିଂଚିତ ବୁଝିହେବ ଯେ ଆଜି ଆମେ ଯାହାସବୁ ଶିକ୍ଷା/ ପ୍ରେରଣା ପାଉଛେ ସେସବୁ ଗୁଡିକ କେବଳ ବ୍ୟବସାୟ ଭିତ୍ତିକ ପ୍ରଚାର, ପ୍ରସାର ବ୍ୟତୀତ ଜଣେ ଅନ୍ୟ ଜଣଙ୍କୁ କୌଣସି ମତେ ସାହାଯ୍ୟ, ସହାନୁଭୂତି କିମ୍ବା ଦୟା, ପ୍ରେମର ଭାବ ରଖି କୌଣସି ବିଷୟ / ବସ୍ତୁ ପ୍ରଦାନ କରିନଥା'ନ୍ତି । ଏମିତିକି ଯାହାଙ୍କୁ ଧର୍ମଗୁରୁ କିମ୍ବା ଯୋଗଗୁରୁ ବୋଲି ମଣିଷ ଗ୍ରହଣ କରିଥାଏ ସେମାନେ ମଧ୍ୟ ଗୋଟିଏ ଗୋଟିଏ ବ୍ୟାପାରୀ ଯାହାଙ୍କ ଧନରାଶିର ଅଭିବୃଦ୍ଧି ବ୍ୟାଖ୍ୟା କଲେ ହୁଏତ ଆମର ଚେତା ହଜିଯିବ ! କାରଣ କିଛି ଦିନ ତଳର ଜଣେ ସାଧାରଣ ଭିକାରି ସ୍ତରର ମଣିଷ ଆଜି ନିଜକୁ ନିଜେ ଜଣେ ଧର୍ମଗୁରୁ କିମ୍ବା ଯୋଗଗୁରୁ ସାଜି ଖୁବ୍ କମ୍ ଦିନ ମଧ୍ୟରେ ହଜାର ହଜାର କୋଟି ଟଙ୍କାର ମାଲିକ ହୋଇ ପାରୁଥିବା ନମୁନା ଗୁଡିଏ କିଛି କମ୍ ଦେଖିବାକୁ ମିଳନ୍ତି ନାହିଁ ଆମ ଦେଶରେ ଯାହାର ବିଶେଷ ବିଶ୍ଳେଷଣ କରାନଗଲେ ମଧ୍ୟ ପ୍ରାୟତଃ ସମସ୍ତେ ବୁଝି ପାରୁଥିବେ ।

ଏମାନଙ୍କ ବ୍ୟତୀତ ସମାଜକୁ ଅନ୍ୟାନ୍ୟ ପ୍ରେରଣାଦାୟୀ ରହିଥା'ନ୍ତି କେତେକ ଚିକିତ୍ସା କ୍ଷେତ୍ରର ମଣିଷ, ବ୍ୟବସାୟୀ, ରାଜନେତା ତଥା ଆହୁରି ଅନେକ ଗୋଷ୍ଠୀ ଯେଉଁମାନେ ଅହରହ ସେମାନଙ୍କ ବଡ଼ିମା ପ୍ରଦର୍ଶନ ପୂର୍ବକ କେବଳ ବ୍ୟବସାୟ ଭିତ୍ତିକ ଷଡ଼ଯାନ୍ତ୍ରୀକ ପ୍ରରୋଚନା ବିତରଣ କରି ସମାଜରେ ନିଜର ପତିଆରା ବିସ୍ତାର କରିବା ସହିତ ଆର୍ଥିକ ସମ୍ଭାର ଅଭିବୃଦ୍ଧି ଲକ୍ଷ ରଖି ଅନେକ ସମୟରେ ମତିଭ୍ରମ କରିଥା'ନ୍ତି ସାଧାରଣ ଲୋକଙ୍କ । ସେହି କୁଚକ୍ରରେ ପଡି ସାଧାରଣ ମଣିଷଟିଏ ନିଜର ହାଡଭଙ୍ଗା ପାରିଶ୍ରମିକରୁ ଅଧିକାଂଶ ଭାଗ ବ୍ୟୟ, ବିତରଣ କରିଥା'ନ୍ତି ଏହି ବ୍ୟବସାୟ ଚିନ୍ତାଧାରା ସଂଶ୍ଳିଷ୍ଟ ଗୋଷ୍ଠୀମାନଙ୍କୁ ଯାହା ସେମାନଙ୍କୁ ସବୁବେଳେ ସତ୍ୟର ପଥ ଖୋଜିବାରେ ବାଧକ ହୋଇ ରହିଯାଏ ଜୀବନ ସାରା । ଏହି କ୍ରମରେ ଜଣେ ସାଧାରଣ ନିର୍ବୋଧ ମଣିଷ ଯେ ନିଜକୁ ଅସନ୍ତୁଳିତ ଅବସ୍ଥାରେ ରଖି ଜୀବନ ଅତିବାହିତ କରିବାକୁ ପଡିଥାଏ ଜୀବନ ସାରା । ଏହାହିଁ ଅଭିଶପ୍ତ ଜୀବନ ଯାହାକୁ ମଣିଷ ସମୟ ପାଏନାହିଁ ସମୀକ୍ଷା କରିବା ପାଇଁ ଏବଂ ସେତିକି ସଚେତନତା ସୃଷ୍ଟି କରିପାରେ ନାହିଁ ନିଜକୁ ସମ୍ଭାଳିବା ପାଇଁ ସାରା ଜୀବନ ଯାହାଦ୍ୱାରା ଗୋଟିଏ ଅଭିଶପ୍ତ ଜୀବନ ବଞ୍ଚିବା ଭଳି ଜୀବନ ଶେଷ କରିବାକୁ ପଡିଥାଏ ସାଧାରଣ ମଣିଷ ମାନଙ୍କୁ ଯାହା ମନରେ ଛନ୍ଦ, କପଟ, ଇର୍ଷା, ଦ୍ୱେଷ ଆଦି ଲକ୍ଷଣ ସୃଷ୍ଟି ହୋଇପାରେ ନାହିଁ ଯାହା ଆଜି ସମୟର ପରିସ୍ଥିତି, ପରିବେଶ ଆଚ୍ଛାଦିତ କରି ରଖିଛି ଆମ ସମସ୍ତଙ୍କୁ । କୁଚକ୍ରୀଙ୍କ ସମୟ ଚକ୍ରରେ ନିଜକୁ ସମାନ୍ତରାଳ କରି ଆମେ ଜୀବନରେ ସୁଖ ଆଶା କରିବା ଏକ ଅଲୌକିକ ବିଷୟ ମଧ୍ୟରେ ସମାହିତ ଆଜିସମୟରେ ଯାହାକୁ ବ୍ୟବଛେଦ କରିବା ଅତ୍ୟନ୍ତ ଜଟିଳ ବିଷୟ ଜଣେ ସାଧାରଣ ମଣିଷ ପାଖରେ । କାରଣ ବ୍ୟାପକ ଦିଗରେ ସେମାନଙ୍କ ଚକ୍ରାନ୍ତ ସମ୍ପୂର୍ଣ୍ଣ ଭାବେ ମଣିଷ ମସ୍ତିଷ୍କକୁ ଆଚ୍ଛାଦିତ କରି ରଖିଛି ଯାହାର ପରିଣାମ ସ୍ୱରୂପ ସମସ୍ତ ମିଥ୍ୟାକୁ କେବଳ ସତ୍ୟ ବୋଲି ବିବେଚନା/ ଅଧିଗ୍ରହଣ କରିଥା'ନ୍ତି ସାଧାରଣ ନିର୍ବୋଧ, ନିଚ୍ଛନ୍ଦ ମଣିଷ ସମୂହ । ଗୋଟିଏ ଦିଗରେ ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ ତଥା ବିଚଳିତ କରି ମଣିଷ ଜୀବନର ପ୍ରାକୃତିକ ଆନନ୍ଦ ଉପଭୋଗରୁ ନିବୃତ୍ତ ରଖିବା ସହିତ ଲୋକଙ୍କ ପାରିଶ୍ରମିକକୁ ଲୁଟି ସେମାନଙ୍କ ସାମାଜିକ ତଥା ପାରିବାରିକ କ୍ଳେଷକୁ ଗଭୀର କରି ନିଜର ସ୍ୱାର୍ଥ ହାସଲ କରି ନିଜକୁ ପ୍ରତିଷ୍ଠିତ କରିବା ଲକ୍ଷ ରଖିଥିବା ହାତଗଣତି କେତେକ କୁଚକ୍ରୀଙ୍କ ଦ୍ୱାରା ଆଜି ସମଗ୍ର ମାନବ ସମାଜ ଏକ ଅଭିଶପ୍ତ ଜୀବନ ବଞ୍ଚୁଛନ୍ତି କେମିତି ଏବଂ କାହିଁକି ମଧ୍ୟ ବିଚାର, ବିଶ୍ଳେଷଣ ନାହିଁ କାହାରି ପାଖରେ । କେବଳ ମିଥ୍ୟା ପ୍ରରୋଚନାରେ ସେମାନଙ୍କ ଜୀବନକୁ ସରଳ ସୁନ୍ଦର କରିବାର ମଧୁର ବାଣୀ ପ୍ରଦାନ କରି ସମସ୍ତଙ୍କୁ ବାସ୍ତବରେ ଦୁଃଖୀ କରି ରଖାଯାଇଥିବା ଅନୁଭବ ମଧ୍ୟ କରିପାରନ୍ତି ନାହିଁ କେହି । ଏସବୁ କୌଣସି ମୁନି ଋଷିଙ୍କ ଅଭିଶାପ ନୁହେଁ କି ଜନ୍ମଦାତ୍ରୀ ପ୍ରକୃତିର ପ୍ରକୋପ ନୁହେଁ ବରଂ ମଣିଷର ନିଜସ୍ୱ ଅଜ୍ଞାନତା/ ସଂକୁଚିତ ବିଚାରଧାରା ଜନିତ ମାତ୍ର । ତେଣୁ ସବୁ ମଣିଷ ଯତେଦିନ ପର୍ଯ୍ୟନ୍ତ କାହାକୁ ଅନୁସରଣ/ ଅନୁକରଣ ନକରି କେବଳ ନିଜସ୍ୱ ଜ୍ଞାନ/ ବିଚାରଧାରାରେ ବଂଚିବା ନଶିଖିବେ ସେପର୍ଯ୍ୟନ୍ତ ମଣିଷ ଏମିତି ଅଭିଶପ୍ତ ଜୀବନ ବଂଚିବାକୁ ହିଁ ପଡିବ ବୋଲି ଆମର ବିଚାରରେ ଆପଣଙ୍କ ଅନୁଭବ କ'ଣ... ?

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

# ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜୀବନରୁ ଶିକ୍ଷା



ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଏକବିଂଶ ଶତାବ୍ଦୀର ରାଜନେତାଙ୍କ ଠାରେ ପରିଲକ୍ଷିତ ହୁଏ । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଏଥିରେ ହିଂସାର କୌଣସି ସ୍ଥାନ ନାହିଁ । 'ବସୁଧୈବ କୁଟମ୍ବକମ' ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ । ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ । ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତା ରେ ଏହାର ଯଥେଷ୍ଟ ପ୍ରଣାମ ରହିଛି । ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ । ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି । ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ ,ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି

' ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।
ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।
ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।
ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟ ।ନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁ ର ।
ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।
ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।'

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି ।କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି ।

ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟ ରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି । ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ । ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା । ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି 'ଦିନ -ଇ -ଇଲାହି' ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ । ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ' ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ । ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ । କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତ ରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ । ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ । ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ । ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର,ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ । ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ର ର ଉନ୍ନତି ଅସମ୍ଭବ । ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତ ଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ । ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସମର୍ଗ ବସୁଧା ହେଉଛି ଗୋଟିଏ କୁଟୁମ୍ବ । ଏହି ମହାନ ବାଣୀ କୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ । ଆଉ ମାତ୍ର କିଛି ମୁହୂର୍ତ୍ତ ଅତିକ୍ରାନ୍ତ ହେବା ପରେ ପୌଷ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ୨୨- ଜାନୁଆରୀ- ୨୦୨୪ ସୋମବାରର ଅତ୍ୟନ୍ତ ଶୁଭ ଦିନରେ ୫୦୦ବର୍ଷର ସର୍ବ ପୁରାତନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଅଯୋଧାରେ ନିର୍ମିତ ହେଉଥିବା ନୂତନ ମନ୍ଦିରର ଗର୍ଭଗୃହରେ ବିରାଜିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯିବ । ଏହି ଶୁଭ ଅବସରରେ ଅଯୋଧାରେ ଅଭୂତପୂର୍ବ ଆନନ୍ଦମୟ ଭକ୍ତିର ପରିବେଶ ସୃଷ୍ଟି ହେବ । ଏହି ମନ୍ଦିର ନିର୍ମାଣ ପରମ୍ପରାଗତ ନାଗର ଶୈଳୀରେ ହୋଇଛି । ମନ୍ଦିର ତିନି ମହଲା ବିଶିଷ୍ଟ ହୋଇଛି । ପ୍ରତ୍ୟେକ ମହଲାର ଉଚ୍ଚତା ୨୦ଫୁଟ । ମନ୍ଦିରରେ ମୋଟ ୩୯୨ଟି ସ୍ତମ୍ଭ ଏବଂ ୪୪ଟି ପ୍ରବେଶ ଦ୍ୱାର ରହିଛି । ମନ୍ଦିରରେ ମୋଟ ପାଞ୍ଚଟି ମଣ୍ଡପ ରହିଛି, ଯଥା ନୃତ୍ୟ ମଣ୍ଡପ, ରଙ୍ଗ ମଣ୍ଡପ, ସଭା ମଣ୍ଡପ, ପାର୍ଥନା ମଣ୍ଡପ ଏବଂ କୀର୍ତ୍ତନ ମଣ୍ଡପ । ମନ୍ଦିରକୁ ପ୍ରବେଶ ପାଇଁ ୩୨ଟି ସିଡିର ବ୍ୟବସ୍ଥା ହୋଇଛି ସିଂହଦ୍ୱାର ଦେଇ ପହଞ୍ଚିବା ପାଇଁ । ରାମାୟଣ ପୁରାଣରେ ଆମ ଜୀବନ ସହିତ ଆଧାରିତ ବିଷୟବସ୍ତୁ ଦେଖିବାକୁ ମିଳେ । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ,ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ ।ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ । ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ । ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ । ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଆଶୁତୋଷ ନାୟକ
ଯୋଗାଯୋଗ :
ଗୋପାଳପୁର, ବାଲେଶ୍ୱର,
ମୋବାଇଲ-୭୦୨୦୬୧୧୩୦୦

## କବିତା ଗୁଚ୍ଛ

### ଦୁର୍ଜନ ସଙ୍ଗେ କଲେ ବାସ



ସର୍ପଠାରୁ ଭୟଙ୍କର ଅଟଇ ଦୁର୍ଜନ
ଝଡା ଫୁଙ୍କା ଭେଷଜରେ ସର୍ପ ବିଷ ଜାଣ
ଭଲ ହୋଇ ଯାଏ ବୋଲି ଆମେ ଅଛୁ ଦେଖି
କିନ୍ତୁ ଦୁଷ୍ଟ ଜନ ବିଷ ନଝଡେ କଦାପି ।
ଦୁଷ୍ଟ ପାଖେ ନରହିବ ଗୁଣିଜନ ଗାଥା
ସ୍ଥାନତ୍ୟାଗ ନକରିଲେ ସର୍ବଦା ଦୁଶ୍ଚିନ୍ତା
କଣ୍ଟାବାଡ଼େ ଲୁଗା ଦେଇ ଦୁର୍ଜନଙ୍କ କଳି
ସେ କଳିରେ କଦାପି ଯିବନାହିଁ ଚଳି ।
ଇଶ୍ୱରଙ୍କ ସୃଷ୍ଟିରେ ଅଛନ୍ତି ସର୍ବଜୀବ
ସିଂହ ବ୍ୟାଘ୍ର ଭଲ୍ଲୁକ ଓ ଗଣ୍ଡା ଯେ ମାନବ
କୀଟୁ ବ୍ରହ୍ମ ପର୍ଯ୍ୟନ୍ତେ ଛପନ କୋଟି ଜୀବ
ସେହିପରି ଦୁର୍ଜନଙ୍କୁ ମାନସେ ରଖିବ ।
ସବୁଜନଙ୍କ ମହତ୍ୱ ଏ ସୃଷ୍ଟିରେ ଅଛି
ଦୁର୍ଜନେ ବହୁତ କାମ ସୃଷ୍ଟିରେ କରନ୍ତି
ଦୁର୍ଜନଙ୍କ ହେତୁ ହୁଏ ସୁଜନଙ୍କ ପୂଜା
ନଥିଲେ ଦୁର୍ଜନ କିବା ସୁଜନ ଅଗ୍ରଜା ।

ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା, ନିଆଳି, କଟକ






## ଯାତ୍ରା ଦେଖି ଘରକୁ ଫେରୁଥିଲେ ବୃଦ୍ଧ ; ବାଟରେ ଆକ୍ରମଣ କଲା ହାତୀ



**ଗୁରୁଡ଼ିଝାଟିଆ(ଏନ୍.ଏମ୍.):** ଯାତ୍ରା ଦେଖି ଘରୁକୁ ଫେରୁଥିଲେ। ବାଟରେ ହାତୀରେ ହାବୁଡ଼ରେ ପଡ଼ିଗଲେ ବୃଦ୍ଧ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଲା। କଟକ ଜିଲ୍ଲା ଆଠଗଡ଼ ଗୁରୁଡ଼ି ଝାଟିଆ ଥାନା ଅନ୍ତର୍ଗତ କାଣ୍ଡମୁଗୁରୀ ଗାଁରେ ଏହି ଘଟଣା ଘଟିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ଗମିଆ ହନାଗା। ଗତକାଲି ରାତିରେ ଗମିଆ ରାଧାଦାମୋଦରପୁରରୁ ଯାତ୍ରୀ ଦେଖି ଘରକୁ ଫେରୁଥିଲେ। ମସ୍ୟପୁର ଫାର୍ମ ନିକଟରେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୁଣ୍ଟୁଣୀ ରେଞ୍ଜର ଓ ଖୁଣ୍ଟୁଣୀ ପୁଲିସର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନ୍ଧ୍ନାନ କରିଛନ୍ତି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।

## ରାଜ୍ୟର ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି, ଆରମ୍ଭ ହେଲା ନାମାଙ୍କନ ଦାଖଲ

**ଭୁବନେଶ୍ୱର (ଏନ୍.ଏମ.):** ଦେଶର ଚତୁର୍ଥ ଏବଂ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆଜିଠାରୁ ଆରମ୍ଭ ହେବ ନାମାଙ୍କନ ଦାଖଲ ପ୍ରକ୍ରିୟା। ପ୍ରାର୍ଥୀମାନେ ଆସନ୍ତା ଏପ୍ରିଲ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବେ। ଏପ୍ରିଲ ୨୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଓ ଏପ୍ରିଲ ୨୯ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ମେ ୧୩ ତାରିଖରେ ଓଡ଼ିଶାରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ୍। କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ଟି ବିଧାନସଭା ନିର୍ବାଚନ



ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ ହେବ। କେଉଁଠି କେଉଁ ସମୟରେ ଭେଟ ଗ୍ରହଣ ହେବ ସେନେଇ ମଧ ବିଜ୍ଞପ୍ତିରେ ଦର୍ଶାଯାଇଛି। କଳାହାଣ୍ଡି ଲୋକସଭା କ୍ଷେତ୍ରରେ ଥିବା ନୂଆପଡ଼ା, ଖଡ଼ିଆଳ, ଲାଂଜିଗଡ଼ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏଁ ଭୋଟ ଗ୍ରହଣ ହେବ। ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲାରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏଁ ଭୋଟ ଗ୍ରହଣ ହେବ। ନବରଙ୍ଗପୁର ଲୋକସଭା କ୍ଷେତ୍ରର ଉମରକୋଟ, ଝରିଗାଁ ଓ ଡାବୁଗାଁ ଓ ନବରଙ୍ଗପୁର ବିଧାନସଭା ଆସନରେ ସକାଳ ୭ଟାରୁ ୪ଟା ଯାଏଁ ଭୋଟ ଗ୍ରହଣ ହେବ। କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡାରେ ୭ଟାରୁ ୫ଟା ଭୋଟ ଗ୍ରହଣ ହେବ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ପାରଳାଖେମୁଣ୍ଡିରେ ସକାଳ ୭ଟାରୁ ସଂଧ୍ୟା ୬ଟା ଓ କେବଳ ମୋହନାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏଁ ଭୋଟ ଗ୍ରହଣ ହେବ କୋରାପୁଟ ସଂସଦୀୟ କ୍ଷେତ୍ରର ଗୁଣୁପୁର, ବିଷମକଟକ, ରାୟଗଡ଼ା ଓ କୋରାପୁଟ ବିଧାନସଭା କ୍ଷେତ୍ରରେ ସକାଶ ୭ଟାରୁ ଅପରାହ୍ନ ୫ଟା ଯାଏଁ ଭୋଟ ଗ୍ରହଣ ହେବ। ସେହିପରି ଲକ୍ଷ୍ମୀପୁର ଓ ପଟାଙ୍ଗୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ଓ ଜୟପୁର ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ସୂଚନାଯୋଗ୍ୟ, ଦେଶରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ପଡ଼ିବ ଭୋଟ୍। ପ୍ରଥମ ପର୍ଯ୍ୟାୟରେ ୧୭ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୧୦୨ ସିଟ୍ ପାଇଁ ଭୋଟିଂ ହେବ।

## ଜଗନ୍ନାଥପୁର ମା'ବାସନ୍ତୀ ଦୂର୍ଗାଙ୍କ ପୂଜା

**କେନ୍ଦ୍ରାପଡ଼ା(ଏନ୍.ଏମ୍.):** କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁରସ୍ଥିତ ମା'ବାସନ୍ତୀ ଦୂର୍ଗାଦେବୀଙ୍କ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଷଷ୍ଠୀରେ ବିଲ୍ୱବରଣ, ବିହିତ ପୂଜା ଓ ଦେବୀ ବୋଧନ କରାଯାଇଥିବାବେଳେ ମା'ଙ୍କ ମହାସପ୍ତମୀରେ ଅଷ୍ଟୋତ୍ତର□ଶତକଳସ ଯାତ୍ରା, ଘଟନିମର୍ଜନ, ଜଳାଭିଷେକ, ନବପତ୍ରିକା ଦୋଳାରୋହଣ ଶୋଭାଯାତ୍ରା ଓ ନଗର ପରିକ୍ରମା କରାଯାଇ ସହସ୍ରାଧାର ସ୍ନାନ କରାଯିବା ସହ ଦେବୀଙ୍କର ସପ୍ତମୀ ଜନିତ ବିହିତ ପୂଜାରମ୍ଭ, ଚକ୍ଷୁଦାନ ଓ



ଚଣ୍ଡୀପାଠ କରାଯାଇଥିଲା। ମହାଅଷ୍ଟମୀ ତିଥିରେ ଚଣ୍ଡୀପାଠ, ଘୃତହୃତି ଓ ପୁଷ୍ପାଞ୍ଜଳି, ଝୁଣାଦାହ ଓ ସନ୍ଧିବଳି ଦିଆଯାଇଥିଲା। ମହାନବମୀରେ ବିହିତ ପୂଜା, ଚଣ୍ଡୀପାଠ, ନବକୁମାରୀ ପୂଜା, ଅଷ୍ଟୋତ୍ତର ଶତଦୀପ ଉତ୍ସର୍ଗ, ଗୀତାହୃତି, ଚଣ୍ଡୀଆହୂତି, ପୂର୍ଣ୍ଣାହୂତି ଓ ପୁଷ୍ପାଞ୍ଜଳି ସହିତ ମହିଷାସୁର ପୋଡି ଅନୁଷ୍ଠିତ ହୋଇଥିଲା। ବିଜୟାଦଶମୀ ଅବସରରେ ଚଣ୍ଡୀପାଠ, ଅପରାଜିତା ପୂଜା, ସନ୍ଧ୍ୟାରେ ବିଷର୍ଜନ ପୂଜା, ସମୁହ ପୁଷ୍ପାଞ୍ଜଳି, ଅପରାଜିତା ଧାରଣ, ଅଳତା ସିନ୍ଦୁର ଲାଗି, ସପ୍ତଦୀପ ବନ୍ଦାପନା, ଦେବୀଙ୍କ ପୁନଃ ଆଗମନ ପାଇଁ ମେଲାଣି, ଘଟକଳସ ଓ ନବପତ୍ରିକା ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହିତ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ସଂଗୀତ ପ୍ରତିଯୋଗିତା, ପ୍ରବଚକ ସତ୍ୟଚୈତନ ଦାସ(ସୁନିଲ ବାବା)ଙ୍କ ପ୍ରବଚନ, ରୟାଲ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଆସର, "ମା' ବାସନ୍ତୀଜ୍ୟୋତି ସମ୍ମାନ" ପ୍ରଦାନ କାର୍ଯ୍ୟକ୍ରମ ଓ ଅପେରା ସାଇରୁଦ୍ର ପକ୍ଷରୁ ଅପେରା ପରିବେଷଣ କରାଯାଇଥିବା କମିଟି ସଭାପତି ଦୀପକ ରଞ୍ଜନ ସ୍ୱାଇଁ ଓ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ଜଣାଇଛନ୍ତି।

## ବିଜେଡିରେ ମିଶିଲେ ବର୍ଷା

**ଭୁବନେଶ୍ୱର(ଏନ୍.ଏମ୍.):** ବିଜେଡିରେ ମିଶିଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଶଙ୍ଖ ଭବନରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗ ଦେବା ପରେ ବର୍ଷା କହିଥିଲେ, ମୁଁ ସାର୍ (ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ)ଙ୍କର ଜଣେ ଫ୍ୟାନ୍। ଏମିତିକି କେବଳ ତାଙ୍କୁ ଉତ୍ସର୍ଗ କରି ଏକ ଫିଲ୍ମ ତିଆରି କରିଥିଲି। ସାର୍ଙ୍କ ବ୍ୟକ୍ତିତ୍ୱ, ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସବୁବେଳେ ମୋତେ ପ୍ରେରଣା ଦେଇଛି। ସେ କଥାରେ କମ୍ ଓ କାମରେ ଅଧିକ ବିଶ୍ୱାସ କରନ୍ତି। ମୋତେ ବିଜେଡିରେ ସାମିଲ ହେବାକୁ ସୁଯୋଗ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛି। ଅନୁଭବ ମହାନ୍ତି ବିଜେଡି ଛାଡ଼ିବାର ପ୍ରାୟ ୨୦ ଦିନ ପରେ ବର୍ଷା ପ୍ରିୟଦର୍ଶିନୀ ଏହି ଦଳରେ




ମିଶିଛନ୍ତି। ଗତ ମାସ ୨୦ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିଲେ କେନ୍ଦ୍ରାପଡ଼ା ସାଂସଦ। ସେ ବିଜେପିରେ ସାମିଲ ହୋଇଛନ୍ତି। ବିଜେପି ଟିକେଟରେ ସେ ଏଥର ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି କୁହାଯାଉଛି। ହେଲେ ସେ କେଉଁଠାରୁ ପ୍ରାର୍ଥୀ ହେବେ, ତାହା ଜଣାପଡ଼ିନି।

## ଗେଷ୍ଟ ହାଉସରୁ ମିଳିଲା ବ୍ୟବସାୟୀଙ୍କ ମୃତଦେହ

**ଭୁବନେଶ୍ୱର(ଏନ୍.ଏମ୍.):** ରାଜଧାନୀର ଏକ ଗେଷ୍ଟ ହାଉସରୁ ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଭୁବନେଶ୍ୱର ମୈତ୍ରିବିହାର ଥାନା ଅନ୍ତର୍ଗତ ଏକ ଗେଷ୍ଟ ହାଉସରୁ ସନ୍ଦେହଜନକ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ତପନ ପ୍ରସାଦ ଆଚାର୍ଯ୍ୟ। ସେ ଶୁଭମ ବାୟୋ-ସିଏନଜି ପ୍ରାଇଭେଟ ଲିମିଟେଡର ମାଲିକ ଥିଲେ ବୋଲି ଜଣାପଡିଛି। ତାଙ୍କ ଘର ଫୁଲବାଣୀ ସଦର ଥାନା ଲେଙ୍ଗର ସାହି ଅଞ୍ଚଳରେ। ତପନ ମଙ୍ଗଳବାର ଦିନ କର୍ପୋରେଟ ମିଟିଂ ପାଇଁ ଭୁବନେଶ୍ୱର ଆସିଥିଲେ। ସେହି ଦିନ ସେ ଗେଷ୍ଟ ହାଉସରେ ଚେକ୍ ଇନ୍ କରି ୨୦୨ ନମ୍ବର ରୁମରେ ରହୁଥିଲେ। ଗତକାଲି ତାଙ୍କ ମୃତଦେହ ଗେଷ୍ଟ ହାଉସରୁ ମିଳିଥିଲା। ପୁଲିସ ମୃତଦେହକୁ ଉଦ୍ଧାର ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଗତକାଲି ତାଙ୍କ ମୃତଦେହ ମିଳିବା ପରେ ପୁଲିସ ତପନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ତେବେ ତପନଙ୍କ କିଭଳି ମୃତ୍ୟୁ ହେଲା, ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

## କମିଶନରେଟ ପୁଲିସ ହାତରେ ସ୍ୱାମୀସ୍ତ୍ରୀ ଗ୍ୟାଙ୍ଗ, ଟେଲିଗ୍ରାମ ଜରିଆରେ ଲୋକଙ୍କୁ ମାରୁଥିଲେ ଚୂନ

**ଭୁବନେଶ୍ୱର(ଏନ୍.ଏମ୍.):** କମିଶନରେଟ ପୁଲିସ ହାତରେ ସ୍ୱାମୀସ୍ତ୍ରୀ ଗ୍ୟାଙ୍ଗ। ଗ୍ୟାଙ୍ଗର ୪ ସାଇବର ଠକଙ୍କୁ ଗିରଫ କଲା ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ମାନେହେଲେ ଗଞ୍ଜାମର ତୃପ୍ତି ରଞ୍ଜନ ପାତ୍ର ଓ ବନଲତା ସାହୁ ଏମାନେ ଉଭୟ ସ୍ୱାମୀସ୍ତ୍ରୀ। ଅନ୍ୟ ଦୁଇଜଣ ହେଲେ ବଲାଙ୍ଗୀରର ମାନସ ରଞ୍ଜନ ସୁନା ଓ କଣ୍ଟିଲୋ ଗ୍ରାମର ନିହାର ରଞ୍ଜନ ପାଇକରାୟ। ତୃପ୍ତି ରଞ୍ଜନ ପାତ୍ର ଓ ବନଲତା ସାହୁ ଗଞ୍ଜାମ ଜଗନ୍ନାଥ ପ୍ରସାଦରୁ ଆସି ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଏକାମ୍ର ବିହାରରେ ରହୁଥିଲେ। ଏମାନଙ୍କୁ ସହଯୋଗ କରୁଥିଲେ ମାନସ ଓ ନିହାର। ଭୁବନେଶ୍ୱରରେ ବସି ସାରା ବିଶ୍ୱର ଲୋକଙ୍କୁ ଠକେଇ କରୁଥିଲେ। ଇନଭେଷ୍ଟମେଣ୍ଟ କରି ୨୦ ପ୍ରତିଶତ ହାରରେ ଲାଭ ଟଙ୍କା ପାଇବା ନେଇ



ଦିଆଯାଉଥିଲା ଲୋଭନୀୟ ଅଫର। ଲକ୍ଷ ଲକ୍ଷ ଟଙ୍କା ଠକେଇ କରି ଲୋକଙ୍କୁ ଲଗାଇଥିଲେ ଚୂନ। ୧୧ ତାରିଖରେ ମଞ୍ଚେଶ୍ୱର ଥାନା ବରୀମୁଣ୍ଡ ଅଞ୍ଚଳର ଅବଦୁଲ ଆକବର ଖାନ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିଲେ। ପାଖାପାଖି ୧୧ଲକ୍ଷ ଟଙ୍କାର ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିଲେ। ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ୪୬ଟି ମ୍ୟୁଲ୍ ଆକାଉଣ୍ଟ, ମୁଖ୍ୟ ଅଭିଯୁକ୍ତ ଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ଆକାଉଣ୍ଟ ନେଣଦେଣ ସମ୍ପର୍କିତ ତଥ୍ୟ ଜବତ କରିଛି ସାଇବର ପୁଲିସ।

### ଓଡିଶା ସୂଚନା ଅଧିକାର ଅଭିଯାନର ଅଭିଯୋଗ

# କେନ୍ଦ୍ରାପଡା ଜିଲ୍ଲା ମିଶନଶକ୍ତି ପାଲଟିଛି ମିଶନ ଲୁଟ ଯୋଜନା !

**କେନ୍ଦ୍ରାପଡା(ଏନ୍.ଏମ୍.):** ଓଡିଶା ସୂଚନା ଅଧିକାର ଅଭିଯାନ, କେନ୍ଦ୍ରାପଡା ତରଫରୁ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର କେନ୍ଦ୍ରାପଡା ଜିଲ୍ଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି ଏଥିରେ ପୌରହିତ୍ୟ କରି କହିଥିଲେ ଯେ, ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗରେ କେନ୍ଦ୍ରାପଡା ଜିଲ୍ଲାରେ ଚାଲିଥିବା ଯୋଜନା ନାମରେ ଆଖି ବୁଜା ଦୁର୍ନିତି ଓ ମନମୁଖୀ କାର୍ଯ୍ୟ ଚାଲିଛି। ୨୦୨୧ ମସିହାରେ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ଗଠନ କରିଥିଲେ। ସ୍ୱତନ୍ତ୍ର ଭାବେ ମହିଳାଙ୍କ ବିକାଶ ନିମନ୍ତେ ଓଡିଶା ଜିବିକା ମିଶନ ରାଜ୍ୟରେ କାର୍ଯ୍ୟ କରୁଥିବା ସତ୍ତ୍ୱେ କିଛି ଦିନ ତଳେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ପବିତ୍ର ବିଧାନ ସଭାରେ କହିଲେ ଯେ ମିଶନ ଶକ୍ତି ବିଭାଗରେ ଗତ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ଅଧିକ ବ୍ୟୟ ବରାଦ କରାଯାଇଛି। ମିଶନ ଶକ୍ତି ବିଭାଗ ଦୁଇ ଗୋଟି ବିଭାଗର ସମ୍ମିଶ୍ରଣରେ ସୃଷ୍ଟି କରାଯାଇଛି। ପୂର୍ବରୁ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଓଡିଶା ଜିବିକା ମିଶନ ଯାହା କେନ୍ଦ୍ର ସରକାରଙ୍କ ୬୦ ଭାଗ ଓ ରାଜ୍ୟ ସରକାରଙ୍କ ୪୦ ଭାଗ ଅନୁଦାନରେ ଚାଲୁଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ମିଶନ ଶକ୍ତି ନାମକୁ ମାତ୍ର କାର୍ଯ୍ୟ କରୁଥିଲା ବେଳେ ଏବେ ତାହାକୁ ମିଶାଇ ମିଶନ ଶକ୍ତି ବିଭାଗ ସୃଷ୍ଟି କରାଯାଇଛି। ଓଡିଶା ଜିବିକା ମିଶନର ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କର୍ମଚାରୀ ମାନେ ବିଡିଓ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧିନରେ କାମ କରୁଥିବାବେଳେ ମିଶନ ଶକ୍ତିରେ ନିଯୁକ୍ତି ପାଇଥିବା ମୋଟା ବେତନ ଧାରୀ ଚୁକ୍ତି ଭିତ୍ତିକ କର୍ମଚାରୀ ମାନେ ସିଡିପିଓ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧିନରେ କାମ କରୁଛନ୍ତି। ରାଜ୍ୟସ୍ତରରେ ଓଡିଶା ଜିବିକା ମିଶନର ରାଜ୍ୟ ନିର୍ଦ୍ଦେଶକ ଓ ବିଭାଗର ସଚିବ ଭାବେ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ଦୀର୍ଘ ୫ବର୍ଷ ହେଲାଣି କାର୍ଯ୍ୟ କରୁଛନ୍ତି। ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ମିଶନ ଶକ୍ତି ହେଉଛି ଏକ ମାତ୍ର ବିଭାଗ ଯେଉଁଥିରେ ୯୯ ଭାଗ କର୍ମଚାରୀ ଚୁକ୍ତି ଭିତ୍ତିକ ଅଉ ଏଜେନ୍ସି ମାଧମରେ ନିଯୁକ୍ତି ପାଇଛନ୍ତି। ସୂଚନା ଅଧିକାର ଆଇନରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଜାତୀୟ ଜିବିକା ମିଶନରୁ ଓଡିଶା ଜିବୀକା ମିଶନକୁ ପାଣ୍ଠି ପ୍ରଦାନ କରୁଛନ୍ତି ମହିଳାମାନଙ୍କ ବିକାଶ ନିମନ୍ତେ। ମିଶନ ଶକ୍ତି ବିଭାଗକୁ ୨୦୧୮-୧୯ ଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ପୃଥକ ଭାବେ କେତେ ପାଣ୍ଠି ଆସିଛି ଆଉ କେତେ ଖର୍ଚ୍ଚ ହୋଇଛି ତାହାର ସବିଶେଷ ବିବରଣୀ ପ୍ରଦାନ ନିମନ୍ତେ ଆବେଦନ କରାଯାଇଥିଲା। କେନ୍ଦ୍ର ତାହାର ତଥ୍ୟ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ମଧ୍ୟ ତଥ୍ୟ ପ୍ରଦାନ କରିଛନ୍ତି। ଆଉ ଉକ୍ତ ତଥ୍ୟ କହୁଛି ଜାତୀୟ ଜିବିକା ମିଶନରୁ ହଜାର ହଜାର କୋଟି ଟଙ୍କା ମିଶନ ଶକ୍ତି ବିଭାଗକୁ ଆସିଛି ଯାହାକୁ ବିଭିନ୍ନ ଯୋଜନାରେ ସେମାନେ କାମରେ ଲଗାଇଛନ୍ତି। କିନ୍ତୁ ଜାତୀୟ




ଜିବୀକା ମିଶନ ରାଜ୍ୟ ଜିବୀକା ମିଶନକୁ ଅନୁଦାନ ଦେଇଥିବା ବେଳେ ମିଶନ ଶକ୍ତି ବିଭାଗକୁ ସିଧା ସଳଖ କୌଣସି ଅନୁଦାନ ରାଶି ଦେଇ ନଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ସ୍ପଷ୍ଟ କରୁଛି। ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଓଡିଶା ଜୀବିକା ମିଶନ ଭୁବନେଶ୍ୱରକୁ ସୂଚନା ଅଧିକାର ଆଇନରେ ୨୦୧୮-୧୯ ମସିହା ଠାରୁ ୨୦୨୩-୨୦୨୪ ମସିହା ପର୍ଯ୍ୟନ୍ତ ଜାତୀୟ ଜୀବିକା ମିଶନରୁ କେତେ ଅନୁଦାନ ରାଶି ମିଳିଛି, ଆଉ କେଉଁ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ମିଶନ ଶକ୍ତି ବିଭାଗକୁ କେତେ ରାଶି ପଠାଯାଇଛି ଏବଂ କାହା ଅନୁମତିରେ ରାଜ୍ୟ ଜିବିକା ମିଶନରୁ ଆର୍ଥିକ ଅନୁଦାନ ମିଶନ ଶକ୍ତି ବିଭାଗକୁ ପଠାଯାଇଛି ଉକ୍ତ ଚିଠିର ନକଲ କପି ପ୍ରଦାନ କରିବା ସହ ସମସ୍ତ ଅନୁଦାନର ୟୁସି କପି ପ୍ରଦାନ ନିମନ୍ତେ ଆବେଦନ କରିଥିଲେ। ଅନ୍ୟପକ୍ଷରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଭାରତ ସରକାର ଦେଇଥିବା ତଥ୍ୟ କହୁଛି ରାଜ୍ୟକୁ ମିଳିଥିବା ଆର୍ଥିକ ଅନୁଦାନର ୟୁସି ରାଜ୍ୟ ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଉଭୟେ ମିଳିତ ଭାବେ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ମିଶନ ଶକ୍ତି ବିଭାଗ ବେଆଇନ ଭାବରେ ହଜାର ହଜାର କୋଟି କେନ୍ଦ୍ରୀୟ ଅନୁଦାନ ମିଶନ ଶକ୍ତି ବିଭାଗକୁ ନେଇ ନିଜେ ରାଜ୍ୟ ସରକାର ସବୁ ଦେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି। ପୁନଶ୍ଚ ସୁଚନା ଅଧିକାର ଆଇନରେ ମିଶନ ଶକ୍ତି କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସେନାପତି ତଥ୍ୟ ପ୍ରଦାନ କରିଛନ୍ତି ଯେ, ମିଶନ ଶକ୍ତି ମାଧ୍ୟମରେ ଜିଲ୍ଲାସ୍ତରରେ କେବଳ ସ୍କୁଟର ଯୋଜନା ଓ ମହିଳା ମାନଙ୍କୁ ଋଣ ପ୍ରଦାନ ବ୍ୟତୀତ ଆଉ କୌଣସି ଯୋଜନା କାର୍ଯ୍ୟକାରୀ ହୋଇ ନାହିଁ। ୨୦୧୮-୧୯ ଠାରୁ ୨୦୨୩-୨୦୨୪ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ଯୋଜନା ବାବଦକୁ ପାଣ୍ଠି ଆସି ନାହିଁ କି ଖର୍ଚ୍ଚମଧ୍ୟ ହୋଇ ନାହିଁ। କିନ୍ତୁ ମିଶନ ଶକ୍ତି ବିଭାଗ ଦେଇଥିବା ତଥ୍ୟ କହୁଛି ମହିଳା ମାନଙ୍କ ଦକ୍ଷତା ବିକାଶ ଠାରୁ ଆରମ୍ଭ କରି ମିଶନ ଶକ୍ତି ଗୃହ ନିର୍ମାଣ ଇତ୍ୟାଦି ପର୍ଯ୍ୟନ୍ତ ଜିଲ୍ଲା ଗୁଡ଼ିକରେ ହଜାର ହଜାର କୋଟି ଖର୍ଚ୍ଚ ହୋଇଛି। ଏଥିରୁ ଗୋଟିଏ କଥା ସନ୍ଦେହ ସୃଷ୍ଟି କରୁଛି ଯେ ରାଜ୍ୟ ଠିକ କହୁଛି ନା ଜିଲ୍ଲା ଠିକ କହୁଛି ! ଯେତେ ବେଳେ ରାଜ୍ୟ ତଥ୍ୟ ରଖିଛିକେଯ ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ସମସ୍ତ ଜିଲ୍ଲା ଗୁଡିକରେ ବିଗତ ଦୁଇ ବର୍ଷ ମଧ୍ୟରେ ପାଖା ପାଖି ୨୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯଦି ପ୍ରକୃତରେ ଖର୍ଚ୍ଚ ହୋଇଛି ତାହେଲେ କେନ୍ଦ୍ରାପଡା ଜିଲ୍ଲା ଏଥିରୁ ବାଦ ପଡିଲା କେମିତି ଓ କାହିଁକି ? ଯେତେ ବେଳେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଜିଲ୍ଲା ବିକାଶ ନିଜେ ଦେଖୁଛନ୍ତି ବୋଲି କହୁଥିବା ବେଳେ ନିଜେ କେନ୍ଦ୍ରାପଡା ମାଟିର ଝିଅ ଏହି ବିଭାଗର ମୁଖ୍ୟ ହୋଇଥିବା ବେଳେ ଏମିତି କିପରି ହେଲା ? ମହିଳା ମାନଙ୍କ ନାମରେ କୋଟି କୋଟି ଟଙ୍କା ହଡପ କରାଯାଇଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିବା ସହ ତାହାର ଉଚ୍ଚ ସ୍ଥରୀୟ ତଦନ୍ତ ଦାବି କରିଛନ୍ତି। ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ ମାର୍ଶାଘାଇ, ମହାକଳପଡା, କେନ୍ଦ୍ରାପଡା, ଡେରାବିଶ, ପଟାମୁଣ୍ଡାଇ ଓ ରାଜକନିକାଙ୍କୁ ସୂଚନା ଅଧିକାର ଆଇନରେ ବ୍ଲକ ମିଶନ ଶକ୍ତିକୁ କେଉଁ କେଉଁ ଯୋଜନା କାର୍ଯକାରୀ କରିବା ପାଇଁ କେତେ ଅନୁଦାନ ରାଶି ମିଳିଛି ଏବଂ କେତେ ଟଙ୍କା ଉକ୍ତ ଯୋଜନା ବାବଦରେ ଖର୍ଚ୍ଚ କରାଯାଇଛି ଆଉ ବଳକା କେତେ ରାଶି ଅଛି ଏବଂ କ୍ୟାସ ବୁକ ଓ ଲେଜର ବୁକର ନକଲ କପି ସହ ଉକ୍ତ ଖର୍ଚ୍ଚ ଦର୍ଶାଉ ଥିବା ଉପଯୁକ୍ତ ବିଲ କପିର ନକଲ ପ୍ରଦାନ କରିବା ସହ ବ୍ଲକ ମିଶନ ଶକ୍ତିର ମିଟିଂ ରେଜିଷ୍ଟରର ନକଲ କପି ସହ ମିଟିଂ ସମୟର ଜିପିଆରଏସ ଫଟୋ କପି ପ୍ରଦାନ କରିବା ନିମନ୍ତେ ଆବେଦନ କରିଥିଲେ। କିନ୍ତୁ ଉପରୋକ୍ତ ଅଧିକାରୀମାନଙ୍କ କାର୍ଯ୍ୟାଳୟ କୌଣସି ତଥ୍ୟ ପ୍ରଦାନ ନକରିବାରୁ ଶ୍ରୀ ମହାନ୍ତି ପ୍ରଥମ ଅପିଲ କରିବା ପରେ ସିଡିପିଓ, ମହାକଳପଡା ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ ତାଲିମ ଓ ଦକ୍ଷତା ବିକାଶ ଏବଂ ଯାତାୟତ ସହାୟତା ବାବଦକୁ ସେ ୨୫ଲକ୍ଷ ୨୪ହଜାର ୫୨୮ ଟଙ୍କା ପାଇଥିବା ବେଳେ ସେଥିରୁ ୨୩ଲକ୍ଷ ୯୩ହଜାର ୨୦୩ ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୮-୧୯ ରୁ ୨୦୨୩-୨୦୨୪ ମଧରେ ଅଫିସ କଂଟିଜେନ୍ସି ପାଣ୍ଠି ବାବଦରେ ୧୨ଲକ୍ଷ ୨ହଜାର ୮୬୭ ଟଙ୍କା ଖର୍ଚ୍ଚ ଦର୍ଶାଇଥିବା ବେଳେ ତାହାର କୌଣସି ବିଲ/ଭାଉଚର ସେ ପ୍ରଦାନ କରି ନାହାଁନ୍ତି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ, ମାର୍ଶାଘାଇଙ୍କ ତଥ୍ୟ ଅନୁଯାୟୀ ୨୦୧୮-୧୯ ରୁ ୨୦୨୩-୨୦୨୪ ମଧ୍ୟରେ ମହିଳା ମାନଙ୍କୁ ତାଲିମ ଓ ଦକ୍ଷତା ବିକାଶ ବାବଦରେ ସମୁଦାୟ ୧୮ଲକ୍ଷ ୨୪ହଜାର ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୧୬ଲକ୍ଷ ୧୩ହଜାର ୯୫୫ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ସମାନ ବର୍ଷରେ ଅଫିସ କଂଟିଜେନ୍ସି ପାଣ୍ଠି ବାବଦରେ ସମୁଦାୟ ୮ଲକ୍ଷ ୪୯ହଜାର ୭୩୪ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୫ଲକ୍ଷ ୨୦ହଜାର ୮୬୯ଟଙ୍କା ଖର୍ଚ୍ଚ ହୋଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ, କେନ୍ଦ୍ରାପଡା ଦେଇଥିବା ତଥ୍ୟ ଦର୍ଶାଉଛି ଯେ୨୦୧୮-୨୦୧୯ ଠାରୁ ୨୦୨୩-୨୦୨୪ ପର୍ଯନ୍ତ ଅଫିସ କଂଟିଜେନ୍ସି ପାଣ୍ଠି ବାବଦରେ ସମୁଦାୟ ୧୧ଲକ୍ଷ ୭୬ହଜାର ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୧୦ଲକ୍ଷ ୮୪ହଜାର ୯୭୪ଟଙ୍କା ଖର୍ଚ୍ଚ କରାଯାଇଛି। ଟ୍ରେନିଂ ବାବଦକୁ ୨୭ଲକ୍ଷ ୬୮ହଜାର ୪୩୦ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୨୬ଲକ୍ଷ ୭୭ହଜାର ୨୧୦ଟଙ୍କା ଖର୍ଚ୍ଚ କରାଯାଇଛି। ସୂଚନା ଅଧିକାର କର୍ମୀ ଶରତ କୁମାର ପରିଡା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କେନ୍ଦ୍ରାପଡାଙ୍କୁ ସୂଚନା ଅଧିକାର ଆଇନରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି କେନ୍ଦ୍ରାପଡାଙ୍କ ୨୦୧୮ ମସିହା ଠାରୁ ୨୦୨୩ ଡିଏଲଫଙ୍କୁ ସରକାରଙ୍କ ଠାରୁ କେଉଁ କେଉଁ ଯୋଜନା ବାବଦକୁ କେତେ ପାଣ୍ଠି ପ୍ରାପ୍ତ ହୋଇଛି ଓ ଏଥିରୁ କେତେ ରାଶି ଖର୍ଚ୍ଚ ହୋଇଛି ସେହି ଖର୍ଚ୍ଚର ବିଲ/ଭାଉଚର, କ୍ୟାସ ବୁକ ଓ ଅଧିବେଶନ ଖାତା, ବ୍ୟାଙ୍କ ପାସବୁକ ଏବଂ ଅଧିବେଶନର ଜିପିଆରଏସ ଫଟୋ କପି ପ୍ରଦାନ ନିମନ୍ତେ ଆବେଦନ କରିଥିବା ବେଳେ କିନ୍ତୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟକୁ ଆଧାର କରି ସୂଚନା ଅଧିକାର ଅଭିଯାନ, କେନ୍ଦ୍ରାପଡା ଜିଲ୍ଲା ତରଫରୁ ଏହି ଦୁର୍ନିତି ଉପରେ ତଦନ୍ତ ନିମନ୍ତେ ଆୟକର ବିଭାଗ, ଅର୍ଥନୈତିକ ଅପରାଧିକ ଶାଖା, ଭିଜିଲାନ୍ସ ନିର୍ଦ୍ଦେଶାଳୟ, ଓଡିଶା ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିବା ପରେ ସୁଚନା ଅଧିକାର ଆଇନରେ ଅର୍ଥନୈତିକ ଅପରାଧିକ ଶାଖା ଚିଠି ନଂ-୫୮୬ ତା ୮/୨/୨୦୨୪ ରିଖରେ ଜଣାଇଛନ୍ତି ଯେ ସେହି ଅଭିଯୋଗ ଉପରେ ତଦନ୍ତ କରାଯିବାକୁ ଭିଜିଲାନ୍ସ ବିଭାଗକୁ ନିର୍ଦେଶ ପ୍ରଦାନ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ତରଫରୁ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ନିରଞ୍ଜନ ପରିଡା, ଶଶିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ପଲିଥିନ୍ ପାହାଡ଼ ଉପରେ ଜୟପୁର : ୧୨୦ ମାଇକ୍ରନ୍ ବ୍ୟବହାର ନିର୍ଦ୍ଦେଶ



**ଜୟପୁର(ଏନ୍.ଏମ୍.) :** ଯୁଆଡେ ଚାହିଁବେ ମାଳ ମାଳ ପଲିଥିନ୍, ପ୍ଲାଷ୍ଟିକ୍ ଓ ଅଦରକାରୀ ବର୍ଜ୍ୟବସ୍ତୁ। ପଲିଥିନ୍ ପାହାଡ଼ ଉପରେ ଠିଆ ହୋଇଛି ସହର। ବେଧଡ଼କ ବିକ୍ରି ହେଉଛି ନିଷିଦ୍ଧ ପଲିଥିନ୍ ଏବଂ ସିଙ୍ଗଲୟୁଜ୍ ପ୍ଲାଷ୍ଟିକ୍। ୧୨୦ ମାଇକ୍ରନ୍ରୁ କମ୍ ମୋଟା ପଲିଥିନ୍ ବିକ୍ରି, ଆମଦାନୀ, ବ୍ୟବହାର, ବଣ୍ଟନ, ଉତ୍ପାଦନ ଏବଂ ଷ୍ଟକ ରଖିବା ଉପରେ କଟକଣା କରାଇଛନ୍ତି ସରକାର। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ସହ ରାଜ୍ୟ ପ୍ରଦୂଷଣ ବୋର୍ଡ ଏ ଦିଗରେ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ତଥାପି ନିର୍ଦ୍ଦେଶକୁ କେହି ଖାତିର କରୁନାହାନ୍ତି। ଏ ଭିତରେ ୨୧ ମାସ ବିତିଗଲାଣି। ଲୋକଙ୍କ ଅବଗତି ନିମନ୍ତେ କେବଳ ପ୍ରଚାର କରି ଚୁପ୍ ବସିଯାଇଛି ପୌରସଂସ୍ଥା। ୭ ମାସ ହେବ ଯାଞ୍ଚ ବନ୍ଦଥିବାରୁ ଅବାଧରେ ବିକ୍ରୀବଟା ଚାଲିଛି। କିଛି ଅସାଧୁ କର୍ମଚାରୀ ଏବଂ ବ୍ୟବସାୟୀଙ୍କ ଭିତିରିଆ ସମ୍ପର୍କ ଲାଗି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଚର୍ଚ୍ଚା ହେଉଛି। ୨୦୨୨ ଜୁଲାଇ ୬ରେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା(ଦ୍ୱିତୀୟ ସଂସ୍କରଣ) ନିୟମ ୨୦୨୨ ଅନୁଯାୟୀ ୧୨୦ ମାଇକ୍ରନରୁ କମ୍ ମୋଟା କ୍ୟାରିବ୍ୟାଗ ବ୍ୟବହାର ଉପରେ କଟକଣା କରାଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ ଡିସେମ୍ବର ୩୧ ପରଠୁ ଉପରୋକ୍ତ କମ୍ ଗେଜ୍ରୁ କମ୍ ମୋଟାର ସାମଗ୍ରୀ ବ୍ୟବହାର ସମ୍ପୂର୍ଣ୍ଣ ବ୍ୟାନ୍ କରାଯାଇଛି। କଡ଼ା ନିର୍ଦ୍ଦେଶ ପରେ ବି ସହରରେ ନିଷିଦ୍ଧ ସମଗ୍ରୀ ବିକ୍ରି ହେଉଛି। ପ୍ଲାଷ୍ଟିକ କାଠିଯୁକ୍ତ କାନବଡ଼, ପ୍ଲାଷ୍ଟିକ କାଠି ଥିବା ବେଲୁନ, ପ୍ଲାଷ୍ଟିକ ପତାକା, କ୍ୟାଣ୍ଡି କାଠି, ଆଇସକ୍ରିମ୍ କାଠି, ସଜସଜ୍ଜା ଲାଗି ଥର୍ମୋକୁଲ, ପ୍ଲେଟ୍, କପ, ଗ୍ଲାସ୍, କଣ୍ଟା ଚାମୁଚ, ଚାମଚ, ଛୁରୀ, ଷ୍ଟ୍ର, ମିଠାବାକ୍ସ ଉପରେ କରାଯାଉଥିବା ରାପିଙ୍ଗ, ପ୍ୟାକିଂ ଫିଲ୍ମ, ନିମନ୍ତ୍ରଣ ପତ୍ର, ସିଗାରେଟ୍ ପ୍ୟାକେଟ୍, ପ୍ଲାଷ୍ଟିକ୍ କିମ୍ବା ପିଭିସି ବ୍ୟାନର ବିକ୍ରି ହେଉଛି। ସହରର ୯୦ ପ୍ରତିଶତରୁ ଅଧିକ ଦୋକାନରେ ନିମ୍ନମାନର ପଲିଥିନ୍ ବ୍ୟବହାର ହେଉଛି। ସବୁଠୁ ଅଧିକ ବ୍ୟବହାର ହେଉଛି ପରିବା, ଆମିଷ, ଫଳ, ରାସନ୍, ଜଳଖିଆ ଦୋକାନରେ। ହୋଲସେଲରମାନେ ଦୋକନ ଦୋକନ ବୁଲି ନିମ୍ନମାନର ପଲିଥିନ୍ ବିକ୍ରୀ ବି କରୁଛନ୍ତି। ଗ୍ରାହକ ବି ବଜାରକୁ ଆସିବା ବେଳେ ସାଙ୍ଗରେ ବ୍ୟାଗ ନଆଣି ପଲିଥିରେରେ ସାମଗ୍ରୀ ନେବାକୁ ପସନ୍ଦ କରୁଛନ୍ତି। ଅପରପକ୍ଷରେ ଏସବୁ ପଲିଥିନ୍ କିଛି ବ୍ୟବହାର କରି ପରେ ଫିଙ୍ଗି ଦିଆଯାଉଛି। ସେ ଗୁଡିକ ମଧ୍ୟରୁ କିଛି ଖରାପ ପଲିଥିନ୍ ପୌରପାଳିକା ସଂଗ୍ରହ କରି ତୁରନ୍ତ ନଷ୍ଟ କରିବା ବଦଳରେ ଡମ୍ପିଂ ୟାର୍ଡ ଗୁଡିକରେ ସେଗୁଡିକୁ ଜମା କରି ରଖୁଛି। ଏପରିକି ଦିନ ଦିନ ସେଭଳି ପଡ଼ି ରହୁଛି। ଅବାଧରେ ବୁଲୁଥିବା ଗାଈ, କୁକୁର ଆଦି ଏସବୁକୁ ଖାଇ ରୋଗରେ ପଡୁଛନ୍ତି। ଏହା ସହ ଏଭଳି ନିମ୍ନମାନର ପଲିଥିନ୍ କୁଢ଼ କୁଢ଼ ମଇଳା ସହ ରହି ପଚି ସଢ଼ି ପରିବେଶ ପ୍ରଦୁଷଣ ହେଉଛି। ଏଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପାନ ଓ ଥଣ୍ଡା ପାନୀୟ ଦେବାକୁ ମନା କରିବାରୁ ଯୁବକଙ୍କୁ ଛୁରୀ ଭୁସି ହତ୍ୟା

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** ପାନ ଏବଂ ଥଣ୍ଡା ପାନୀୟ ଦେବାକୁ ମନା କରିବାରୁ ଯୁବକଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି କେନ୍ଦ୍ରାପଡା ଟାଉନ ଥାନା ବଳରାମପୁର ହନୁମାନ ମନ୍ଦିର ନିକଟରେ। ମୃତ ଯୁବକ ଜଣଙ୍କ ହେଲେ ଅକ୍ଷୟ ଖଟୁଆ। ଗତକାଲି ଅକ୍ଷୟ କାମରୁ ଘରକୁ ଫେରିବା ବେଳେ ହନୁମାନ ମନ୍ଦିର ନିକଟରେ ଥିବା ଦୋକାନରେ ପାନ କିଣୁଥିଲେ। ଏହି ସମୟରେ ରୁଦ୍ର ସେଠାରେ ପହଞ୍ଚିଥିଲେ। ଅକ୍ଷୟଙ୍କୁ ପାନ ଏବଂ ଥଣ୍ଡା ପାନୀୟ କିଣି ଦେବାକୁ କହିଥିଲେ। ହେଲେ ଅକ୍ଷୟ ଦେବାକୁ ମନା କରି ଦେଇଥିଲେ। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ରୁଦ୍ର ଉତ୍ତ୍ୟକ୍ତ ହୋଇ ଅକ୍ଷୟଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଅକ୍ଷୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାସହ ଅଭିଯୁକ୍ତ ରୁଦ୍ରକୁ କାବୁ କରି ସ୍ଥାନୀୟ ଲୋକେ ପୁଲିସ ଜିମାରେ ଦେଇଥିଲେ। ରୁଦ୍ର ଅକ୍ଷୟଙ୍କୁ ପାନ ଏବଂ ଥଣ୍ଡା ପାନୀୟ ଦେବା ପାଇଁ ମନା କରିବାରୁ ଏହି ହତ୍ୟାକାଣ୍ଡ ଘଟିଛି ନା ଏହାପଛରେ ଅନ୍ୟ କିଛି କାରଣ ରହିଛି ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।



# ପୁଲିସ-ମାଓ ଗୁଳି ବିନିମୟ : ଟଳିପଡ଼ିଲା ନକ୍ସଲ କମାଣ୍ଡର



**ମାଲକାନଗିରି(ଏନ୍.ଏମ୍.):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ପୁଲିସକୁ ମିଳିଛି ସଫଳତା। ନକ୍ସଲ କମାଣ୍ଡର କାବାସୀ ପାଣ୍ଡରୁ ୨୦ ଜଣ ନକ୍ସଲମାନଙ୍କୁ ନେଇ ଏକ ବୈଠକ କେଶକୁତୁଲ ଏବଂ କେସାମେଣ୍ଡି ଜଙ୍ଗଲରେ କରୁଥିଲା। ପୁଲିସ ସମେତ ସିଆରପିଏଫ, ଦଡ଼ିଆରଜି ଟିମ ଜଙ୍ଗଲରେ ଚଢ଼ାଉ କରିଥିଲେ। ଆଜି ଭୋର ସକାଳୁ ନକ୍ସଲ ଏବଂ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିବା ବେଳେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ତେବେ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ବେଳେ ମାଓ କମାଣ୍ଡରର ଶବ ଉଦ୍ଧାର କରାଯିବା ସହ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଛି। ଯବାନ ଜଙ୍ଗଲରୁ ଫେରିନଥିବା ଯୋଗୁଁ ସବିଶେଷ ବିବରଣୀ ମିଳିପାରୁନାହିଁ। ଏନେଇ ବିଜାପୁର ଏସପି ଘଟଣାର ସ୍ପଷ୍ଟୀକରଣ ଦେଇଛନ୍ତି।

# ଦେବଗଡ଼ ଜିଲ୍ଲାରେ ଅଂଶୁଘାତରେ ୨ ମୃତ ଅଭିଯୋଗ

**ଦେବଗଡ଼(ଏନ୍.ଏମ୍.) :** ଦେବଗଡ଼ ଜିଲ୍ଲାରେ ୨ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରଥମ ଘଟଣାଟି ହେଉଛି ବାରକୋଟ ଥାନା ଅଞ୍ଚଳର। ମୃତକ ହେଲେ ବାରକୋଟ ଥାନା ଅନ୍ତର୍ଗତ ବିଛାଖଣି ଗ୍ରାମର ଟିକେଶ୍ୱର ନାଏକ (୩୨)। ସୂଚନା ଅନୁଯାୟୀ, ଗତ ୧୭ ତାରିଖ ଦିନ ଟିକେଶ୍ୱର ନିଜର ଶ୍ୱଶୁର ଘର ନଳବନ୍ଧ ଗ୍ରାମକୁ ରାମନବମୀ ଯାତ୍ରା ଦେଖିବା ପାଇଁ ଯାଇଥିଲେ। କିନ୍ତୁ ନଳବନ୍ଧ ଗ୍ରାମର ମଦଭାଟି ନିକଟରେ ଟିକେଶ୍ୱର ଗୁରୁବାର ଅଚେତ ହୋଇ ପଡିଥିବା ନେଇ ତାଙ୍କ ସ୍ତ୍ରୀ ରୋଜିରାଣୀଙ୍କୁ ତାଙ୍କ ଭାଇ ସୂଚନା ଦେଇଥିଲେ। ଏନେଇ ଟିକେଶ୍ୱରଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ବାରକୋଟ ଥାନା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଦ୍ୱିତୀୟ ଘଟଣାଟି ହେଉଛି ରିଆମାଳ ବ୍ଲକ କୁଣ୍ଢେଇଗୋଲା ଥାନା ଅଞ୍ଚଳର। ଉକ୍ତ ଥାନା ଅଞ୍ଚଳର କଣ୍ଟାବାହାଳ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀପାଲୀ ଗ୍ରାମର ଜଣେ ବୃଦ୍ଧାଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ମୋହନ ବେହେରାଙ୍କ ସ୍ତ୍ରୀ ଲିଙ୍ଗ ବେହେରା (୭୦)ବୋଲି ଜଣାପଡ଼ିଛି। ଗତ ଶୁକ୍ରବାର ପୁଅ ଡୁଣ୍ଡୁ ବେହେରା ମା'ଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତାଙ୍କ ଶୁକ୍ରବାର ସକାଳେ ନିକଟସ୍ଥ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇଥିଲେ। ଦିନ ୧୨ଟା ଯାଏ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାକୁ ଯାଇଥିଲେ। ସନ୍ଧ୍ୟା ୫ଟା ବେଳେ ସାତକିଆରୀର ଏକ ମହୁଲ ଗଛ ମୂଳରେ ମୃତ୍ୟୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।




## କଂଗ୍ରେସ ସଂସଦ ପ୍ରାର୍ଥୀ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କ ଶ୍ରୀବଳଦେବ ଜୀଉ ଦର୍ଶନ

# କଂଗ୍ରେସର ଏକ ବିଶାଳ ଶୋଭାଯାତ୍ରାରେ ଦୁଲୁକିଲା ସହର



**କେନ୍ଦ୍ରାପଡା(ଏନ୍.ଏମ୍.) :** କେନ୍ଦ୍ରାପଡାର ମୁଖ୍ୟ ପ୍ରବେଶ ପଥ ଦୁହୁରିଆରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ଆର୍ଶିବାଦ ଭିକ୍ଷା କଲେ କଂଗ୍ରେସର କେନ୍ଦ୍ରାପଡା ସଂସଦ ପ୍ରାର୍ଥୀ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ। କଟକ-ଚାନ୍ଦବାଲି ରାସ୍ତାରେ ସାଲେପୁର ପାଖରୁ ଏକ ବାଇକ ଶୋଭାଯାତ୍ରାରେ ଆସି ଦୁହୁରିଆ ଠାରେ ପହଞ୍ଚିବା ପରେ ସେଠାରୁ ଦଳର କର୍ମୀମାନେ ଇଂ ଦାଶଙ୍କୁ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦିପନାର ସହ ପାଛୋଟି ଆଣିଥିଲେ। ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ ସମର୍ଥକଙ୍କ ବାଇକ ଶୋଭାଯାତ୍ରା ଗହଣରେ ଏକ ସୁଶୋଭିତ ଜିପରେ ଛିଡା ହୋଇ ତିନିମୁହାଣି ଛକ, କଜଳା, ମହିପାଳ, ନୂଆ ବସଷ୍ଟାଣ୍ଡ, କାକଟ, ବଡହାଟ, ପୁରୁଣା ବସଷ୍ଟାଣ୍ଡ, ମଡିଆଳ, ସାନ୍ତସାହି, କେଶପୁର ବଜାର ଦେଇ ସହରର ମୁଖ୍ୟ ରାସ୍ତାରେ ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ରାତି ପ୍ରାୟ ସାଢେ ୮ଟାରେ ପହଞ୍ଚି ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିଥିଲେ କଂଗ୍ରେସ ସଂସଦ ପ୍ରାର୍ଥୀ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ। ଇଂ. ଦାଶଙ୍କ ସହିତ ଆଜି ବିଧାୟିକା ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମା, ପାଟକୁରା ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନଗୋ, ରାଜନଗର ବିଧାୟକ ପ୍ରାର୍ଥୀ ଅଶୋକ ପ୍ରତିହାରୀ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପିସିସି ସଭ୍ୟ ସଞ୍ଜୟ ରାଉତ, ବିଜେଡିରୁ ଆସି କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ବିଧାୟିକା ତଥା କେନ୍ଦ୍ରାପଡା ବିଧାୟିକା ପ୍ରାର୍ଥୀ ସିପ୍ରା ମଲିକ, ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ବିଭାଗ ସାଧାରଣ ସମ୍ପାଦକ ସୟଦ ଅବଦୁଲ ସତ୍ତାର ପ୍ରମୁଖ ଏହି ଶୋଭାଯାତ୍ରାରେ ଜିପରେ ଛିଡା ହୋଇଥିଲେ। ସହର ମଧ୍ୟ ଦେଇ ଶୋଭାଯାତ୍ରା ଜିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକମାନେ ଛିଡା ହୋଇ ଇଂ ଦାଶଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ କଂଗ୍ରେସ ଦଳ ପକ୍ଷରୁ କେନ୍ଦ୍ରାପଡାର ସଂସଦ ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଇଂ ଦାଶ କେନ୍ଦ୍ରାପଡା ଆସି ଆଜି ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ଆର୍ଶିବାଦ ଭିକ୍ଷା କରିଛନ୍ତି। ଏହି ଶୋଭାଯାତ୍ରାରେ ସାମିଲ ହୋଇ କଂଗ୍ରେସ କର୍ମୀମାନଙ୍କ ଉତ୍ସାହ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଏହି ଶୋଭାଯାତ୍ରାରେ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

# ପାନୀୟ ବୋତଲ ପାଣିରେ ବ୍ୟାକ୍ଟେରିଆ : ପାଣି ଟେଷ୍ଟିଂରୁ ବାହାରିଲା 'କୋଲିଫର୍ମ'



**ଖୋର୍ଦ୍ଧା (ଏନ୍.ଏମ୍.) :** ଆଖିକୁ ସ୍ୱଚ୍ଛ ଓ ନିର୍ମଳ ଦେଖାଯାଉଥିବା ସବୁ ବୋତଲ ପ୍ୟାକ୍ ପାଣି ବିଶୁଦ୍ଧ ନୁହେଁ। ବାହାରୁ ବୋତଲ ଚିକ୍କଣ ଦିଶୁଥିଲେ ବି ଭିତରେ ଲୋକଙ୍କୁ ବିକ୍ରି ଚାଲିଛି ବ୍ୟାକ୍ଟେରିଆଯୁକ୍ତ ପାଣି। କିଛି ଦିନ ତଳେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପାଣି ଫ୍ୟାକ୍ଟ୍ରିରୁ ସଂଗ୍ରହ କରିଥିବା ବୋତଲ ପାଣି ନମୁନା ପରୀକ୍ଷା କରି ଏକଥା ଖୁଲାସା କରିଛି। ଜିଲ୍ଲାର ତିନି ଗୋଟି ପାଣି ଫ୍ୟାକ୍ଟ୍ରିର ସିଲ୍ ଯୁକ୍ତ ବୋତାଲ ପାଣି ଭିତରୁ 'କୋଲିଫର୍ମ' ନାମକ ବ୍ୟାକ୍ଟେରିଆ ବାହାରିଛି। ରାଜ୍ୟ ଖାଦ୍ୟ ପରୀକ୍ଷାଗାର ପରୀକ୍ଷଣରୁ ଏହା ପ୍ରମାଣିତ ହେବା ପରେ ବ୍ୟାକ୍ଟେରିଆଯୁକ୍ତ ପାଣି ବିକ୍ରି କରୁଥିବା କମ୍ପାନି ବିରୋଧରେ ଜୁଡିସିଆଲ୍ ମାମଲା ରୁଜୁ କରିବାକୁ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଣ୍ଟା ଭିଡ଼ିଛି। ବିଭାଗ କହିବା ମୁତାବକ, ଏହି ତିନି ଗୋଟି ପାଣି ଫ୍ୟାକ୍ଟ୍ରି ଭିତରେ ଦୁଇ ଗୋଟି ଖୋର୍ଦ୍ଧା ଉପକଣ୍ଠର ହୋଇଥିବା ବେଳେ ଅନ୍ୟଟି ହେଉଛି ବାଲିଅନ୍ତା, ବାଲିପାଟଣା ବ୍ଲକ୍। ବଜାରରେ ବିକ୍ରିବଟା ହେଉଥିବା ପ୍ୟାକିଂ ପାଣି ମଧ୍ୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଭୁକ୍ତ। ପାଣି ଲୋକଙ୍କର ଅତ୍ୟାବଶ୍ୟକ ହୋଇଥିବା ବେଳେ ବର୍ତ୍ତମାନ ଏହାର ଭଲ ମାର୍କେଟିଂ ବି ଚାଲିଛି। ପାଣି ବେପାରରେ ଭଲ ମୁନାଫା ଅଳ୍ପ କିଛି ଖର୍ଚ୍ଚ କରି ବୋତଲ ପିଛା ୧୦ରୁ ୨୦ଟଙ୍କାର ବିକ୍ରିବଟା। ତେଣୁ, ଜଳ ଶିଳ୍ପରେ ଜିଲ୍ଲା ବହୁ ଲୋକ ମାତିଛନ୍ତି। କିନ୍ତୁ, ଯେଉଁ ଢଙ୍ଗରେ ଜଳ ପ୍ୟାକିଂ ହେବା କଥା, ସେହି ରକମର ହେଉନାହିଁ। ନିୟମ ଅନୁସାରେ, ପାଣି ଫ୍ୟାକ୍ଟ୍ରି କରିବା ପୂର୍ବରୁ ବିଆଇଏସ୍ ମାର୍କ(ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ରହିବା କଥା। ଜଳ ଶିଳ୍ପରେ ଅନ୍ୟୁନ ଦୁଇ ଗୋଟି ଲାବୋଟାରୀ ନିତ୍ୟାନ୍ତ ଜରୁରି। ଗୋଟିଏ ରସାୟନିକ ପରୀକ୍ଷଣ କରିବା ବାଧତାମୂଳକ ହୋଇଥିବା ବେଳେ ଅନ୍ୟଟି ମାଇକ୍ରୋ ବାଓଲୋଜି ଲାବୋଟାରୀ ରହିବା କଥା। ଯେଉଁଥିରେ ଉଭୟ ରସାୟନ ଏବଂ କ୍ଷୁଦ୍ର ଅଣୁଜୀବର ପରୀକ୍ଷଣ ହେଲା ପରେ ମାର୍କେଟ୍କୁ ପାଣି ପଠାଇବା କଥା। କିଛି ଦିନ ତଳେ ଖୋର୍ଦ୍ଧା ମାର୍କେଟ୍ରେ ବିକ୍ରିବଟା ଚାଲିଥିବା ବୋତଲ ପାଣି ଏହି ସବୁ ମାନକ ପାଳନ କରୁଛନ୍ତି କି' ନାହିଁ, ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତାହା ଯାଞ୍ଚ କରିଥିଲା। ଆଖିକୁ ପାଣି ସ୍ୱଚ୍ଛ ଏବଂ ବୋତଲ ଚିକ୍କଣ ଦିଶୁଥିଲେ ବି ଜଳର ମାନକୁ ନେଇ ବିଭାଗର ସନ୍ଦେହ ହୋଇଥିଲା। ତେଣୁ, ପୂରା ଜିଲ୍ଲାର ବିଭିନ୍ନ ପାଣି ଫ୍ୟାକ୍ଟ୍ରିରୁ ପ୍ରାୟ ୧୨ଗୋଟି ନମୁନା ସଂଗ୍ରହ କରି ରାଜ୍ୟ ଖାଦ୍ୟ ଲାବୋଟାରୀକୁ ପଠାଇଥିଲା। ଯେଉଁଥିରୁ ତିନି ଗୋଟି ପାଣି ନମୁନା ପାନୀୟ ପାଇଁ ଅସୁରକ୍ଷିତ ବୋଲି ରିପୋର୍ଟ ଆସିଛି ବୋଲି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ନିବେଦିତା ଭଞ୍ଜ ପ୍ରକାଶ କରିଛନ୍ତି। ଏହି ଜଳ ନମୁନା ଗୁଡ଼ିକ ସିଧା ପାଣି ଫ୍ୟାକ୍ଟ୍ରିରୁ ସଂଗ୍ରହ କରାଯାଇଥିଲା। ଯେଉଁଥିରୁ 'କୋଲିଫର୍ମ' ଠାବ ହୋଇଛି। ଯାହା ପାନୀୟ ପାଇଁ ସୁରକ୍ଷିତ ନୁହେଁ। ଲାବୋଟାରୀ ରିପୋର୍ଟ ଆସିଲା ପରେ ଏହି ପାଣି ଫ୍ୟାକ୍ଟ୍ରି ବିରୋଧରେ ଜୁଡିସିଆଲ୍ ମାମଲା ରୁଜୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କମିଶନରଙ୍କ ଠାରୁ ଅନୁମତି ମିଳିଲା ପରେ ଏହି ପାଣି କମ୍ପାନି ନାଁରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ-୨୦୦୬ ଅନୁସାରେ ମାମଲା ରୁଜୁ କରାଯିବ ବୋଲି ଶ୍ରୀମତୀ ଭଞ୍ଜ ପ୍ରକାଶ କରିଛନ୍ତି।

# ଚିଟ୍ଫଣ୍ଡ ଅଭିଯୁକ୍ତଙ୍କୁ ପାସ୍ପୋର୍ଟ ଫେରାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.) :** ଜଣେ ଚିଟ୍ଫଣ୍ଡ ଅଭିଯୁକ୍ତଙ୍କ ପାସ୍ପୋର୍ଟ ଫେରାଇବାକୁ ହାଇକୋର୍ଟ ଆଦେଶ ଦେବା ସହ ନିମ୍ନ ଅଦାଲତଙ୍କ ଆଦେଶକୁ ଖାରଜ କରିଛନ୍ତି। ଏଡେନ୍ ଇନ୍ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଚିଟ୍ଫଣ୍ଡ କମ୍ପାନୀର ମୁଖ୍ୟ ଇନ୍ଦ୍ରଜିତ୍ ଦେଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ଆଦେଶ ଦେଇଛନ୍ତି। ଏଥିସହିତ ତାଙ୍କ ପାସ୍ପୋଟ୍ ଫେରାଇବାକୁ ସିବିଆଇ କୋର୍ଟକୁ ଆଦେଶ ଦେଇଛନ୍ତି। ବାଲିଆପାଳରେ କମ୍ପାନୀ ତା'ର ମୁଖ୍ୟାଳୟ ଖୋଲି ଲୋଙ୍କ ଅର୍ଥକୁ ସ୍ୱଳ୍ପ ସମୟରେ ଦୁଇଗୁଣା କରାଇଦେବାର ଲୋଭ ଦେଖାଇ ଜମାକାରୀଙ୍କ ନିକଟରୁ ୨ କୋଟି ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସିବିଆଇ ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ କୋର୍ଟରେ ଅଭିଯୋଗପର୍ଦ୍ଧ ଦାଖଲ କରାଯାଇଥିଲା। ଏହି ମାମଲାରେ ସେ ଜାମିନରେ ମୁକୁଳିବା ସମୟରେ ସିବିଆଇ କୋର୍ଟରେ ଗତ ୨୦୨୩ ଅକ୍ଟୋବର ୯ ତାରିଖରେ ନିଜର ପାସ୍ପୋର୍ଟ ଦାଖଲ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ପାସ୍ପୋର୍ଟ ପ୍ରଦାନ କରିବାକୁ ସେ ସିବିଆଇ କୋର୍ଟରେ ଆବେଦନ କରିଥିବାବେଳେ ଏହା ଖାରଜ ହୋଇଯାଇଥିଲା। ପରେ ଶ୍ରୀ ଦେ ଦୁଇମାସ ପର୍ଯ୍ୟନ୍ତ ତାଙ୍କୁ ପାସ୍ପୋର୍ଟ ପ୍ରଦାନ କରିବାକୁ ପ୍ରାର୍ଥନା କରି ସେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସେ ଦର୍ଶାଇଥିଲେ ଯେ ଆମେରିକାରେ ତାଙ୍କ ଶାଶୁ ବିଛଣାରେ ପଡି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଥିସହିତ ତାଙ୍କ ଛୋଟ ଝିଅ ଓ ସ୍ତ୍ରୀ ମଧ୍ୟ ଆମେରିକାରେ ରହୁଛନ୍ତି। ଆମେରିକାରେ ତାଙ୍କୁ ଗ୍ରୀନ୍ କାର୍ଡ ମିଳିଥିବାବେଳେ ସେ ନିୟମିତ ଭାବେ ଆମେରିକା ଯାଇଥାନ୍ତି ବୋଲି କୋର୍ଟଙ୍କୁ ଦର୍ଶାଇଥିଲେ। ହାଇକୋର୍ଟ ମାମଲାର ଶୁଣାଣିବେଳେ ଦର୍ଶାଇଥିଲେ ଯେ ପାସ୍ପୋର୍ଟ ମିଳିଗଲେ ସେ ଫ୍ଲାଇଟ୍ରେ ଦେଶଛାଡି ପଳାଇଯିବାର ଅନୁମାନ କରାଇପାରେ ମାତ୍ର ଆଇନରୁ ମୁକୁଳିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ସିବିଆଇ କୋର୍ଟଙ୍କ ଆଦେଶକୁ ଖାରଜ କରିବା ସହିତ ତାଙ୍କୁ ପାସ୍ପୋର୍ଟ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି।

# ଜମିଜମା ବିବାଦକୁ ନେଇ ମାମୁଁକୁ ହାଣିଲା ଭଣଜା



**ବାଲିଗୁଡ଼ା(ଏନ୍.ଏମ୍.) :** ସମ୍ପତ୍ତି ଲୋଭ ଏବେ ବୁଦ୍ଧି, ବିବେକ ଆଉ ସମ୍ପର୍କକୁ ହଜାଇ ଦେଇଛି। ଲୋଭ କିଛିବି କୁକର୍ମ କରିବା ନିମନ୍ତେ ଭାବିବାକୁ ସମୟ ଦେଉନାହିଁ। ତେବେ ବିଳମ୍ବିତ ରାତିରେ ବାଲିଗୁଡ଼ା ଆଣ୍ଟି ସାହିରେ ଘଟିଛି ଏକ ଅଘଟଣ। ଜମିଜମା ବିବାଦକୁ ନେଇ ମାମୁକୁ ହାଣିଲା ଭଣଜା। ଏଣେ ମାମୁଙ୍କ ପକ୍ଷରୁ ପ୍ରତିଆକ୍ରମଣରେ ମଧ୍ୟ ଭଣଜା ସମେତ ମାମୁର ଦୁଇ ପୁଅ ଓ ଭଣଜାର ସ୍ତ୍ରୀ ଓ ପିଲାଙ୍କ ସମେତ ୭ଜଣ ମଧ୍ୟ ଆକ୍ରମଣ ଶିକାର ହୋଇଛନ୍ତି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇ ପ୍ରାଥମିକ ଚିକିତ୍ସା ପରେ ମାମୁ ଆଲାଉଦ୍ଦିନ (୬୫)ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ବ୍ରହ୍ମପୁର ଓ ଫୁଲବାଣୀ ପଠାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# କଂଗ୍ରେସର ଦୁଇ ନୂଆ ମୁହଁ : ନିମାପଡ଼ାରୁ ସିଦ୍ଧାର୍ଥ, ପିପିଲିରୁ ଜ୍ଞାନ



**ପୁରୀ(ଏନ୍.ଏମ୍.) :** ରାଜ୍ୟରେ ଏବେ ନିର୍ବାଚନୀ ବିଗୁଲ ବାଜି ସାରିଲାଣି। ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ ଦାଖଲ ଚାଲିଥିବାବେଳେ ପରବର୍ତ୍ତି ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତି ଚାଲିଛି। ପୁରୀ, ବ୍ରହ୍ମଗିରି ଓ ସତ୍ୟବାଦୀ ପରେ କଂଗ୍ରେସ ନିମାପଡ଼ା ଓ ପିପିଲି ବିଧାନସଭା ଟିକେଟ ଘୋଷଣା କରିଛି। ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ନିମାପଡ଼ା ଟିକେଟ ଦେଇଛି। ସେହିଭଳି ଜମା ଚର୍ଚ୍ଚାରେ ନ ଥିବା ଜ୍ଞାନରଞ୍ଜନ ପଟ୍ଟନାୟକଙ୍କୁ କଂଗ୍ରେସ ପିପିଲି ଟିକେଟ୍ ଦେଇଛି। ଦୁଇଜଣ ପୁରୀ ଜିଲ୍ଲା ପାଇଁ ଓ ରାଜନୀତିରେ ବିଧାୟକ ଦୌଡ଼ରେ ନୂଆ ମୁହଁ ହୋଇଥିବା ବେଳେ କଂଗ୍ରେସର ଏହି ନିଷ୍ପତ୍ତି ରାଜନେ?ତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସିଦ୍ଧାର୍ଥଙ୍କ ମାମୁଘର ନିମାପଡ଼ାରେ। ସିଦ୍ଧାର୍ଥ ନିମାପଡ଼ାରୁ କଂଗ୍ରେସ ଟିକେଟରେ ଲଢ଼ିବେ ବୋଲି ଆରମ୍ଭରୁ ଚର୍ଚ୍ଚା ହେଉଥିଲା। ସିଦ୍ଧାର୍ଥ ଦେଶ ବିଦେଶରେ ଅନେକ ଉଚ୍ଚତମ ଶୃଙ୍ଗ ଚଢ଼ି ଚର୍ଚ୍ଚାରେ ରହିଛନ୍ତି। ଅପରପକ୍ଷେ ୨୦୧୯ ଉପନିର୍ବାଚନରେ ଅଜିତ ମଙ୍ଗରାଜଙ୍କ ମୃତ୍ୟୁ ପରେ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ଉପନିର୍ବାଚନ ଲଢ଼ିଥିଲେ। କିନ୍ତୁ ୨୦୨୪ ନିର୍ବାଚନ ବେଳକୁ ରାଜନୈତିକ ପାଣିପାଗ ବଦଳି ଯାଇଥିଲା। ବିଶ୍ୱକେଶନଙ୍କ ବଦଳରେ ପ୍ରଥମେ ନିଶିକାନ୍ତ ମିଶ୍ର ଓ ପରେ ନିକଟରେ କଂଗ୍ରେସରେ ମିଶିଥିବା ରାଧାମୋହନଙ୍କ ନାଁ ଟିକେଟ ପାଇଁ ଚର୍ଚ୍ଚାରେ ଥିଲା। ସବୁ ଚର୍ଚ୍ଚାର ଅବସାନ ଘଟାଇ ଦଳ ଜ୍ଞାନରଂଜନଙ୍କ ଉପରେ ଭରସା କରିଛି। ଜ୍ଞାନରଂଜନଙ୍କ ଘର ଡେଲାଙ୍ଗ ବ୍ଲକ୍ ବେରବୋଇ ପଞ୍ଚାୟତ ଉଦୟପୁର ଗାଁରେ। ଜ୍ଞାନରଂଜନ ଛାତ୍ର ରାଜନୀତିରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଛନ୍ତି। ସେ ନିରାକାରପୁର ଡିଏଭି କଲେଜରେ ପଢ଼ିବା ବେଳେ ଛାତ୍ର ନେତା ଥିଲେ। ଏବେ ସେ ଏଆଇସିସି ସଦସ୍ୟ ଓ ପିସିସି ସାଧାରଣ ସଂପାଦକ ଅଛନ୍ତି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଟେକ୍ ସିଟିକୁ ଟ୍ୟାଙ୍କର ସିଟିରେ ...

ବଜାରରେ ବୋମା ପକାଯାଉଛି । କଂଗ୍ରେସ ପ୍ରତି ସମସ୍ତେ ସତର୍କ ରୁହନ୍ତୁ । ପ୍ରଧାନମନ୍ତ୍ରୀ ଏହି ଅଭିଭାଷଣ ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । ପ୍ରଧାନମନ୍ତ୍ରୀଙ୍କ ନାଁ ନ ନେଇ ସେ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଲୋକଙ୍କ ପାଇଁ ଦିନ ରାତି ୨୪ ଘଣ୍ଟା କାମ କରୁଛନ୍ତି ବୋଲି କହୁଛନ୍ତି । ତା'ହେଲେ କର୍ଣ୍ଣାଟକା ଯେତେବେଳେ ବନ୍ୟା ଓ ମରୁଡ଼ି ସଙ୍କଟ ଦେଇ ଗତି କରୁଥିଲା, ସେତେବେଳେ ସେ କେଉଁଠି ଥିଲେ ? ତା'ହେଲେ ଏ ୨୪ଘଂ୭ ପଛର ସତ କାହାଣୀ କ'ଣ ? ଏହା ପିଆର୍ ଭଳି ଲାଗୁଛି, ଯେମିତି ସବୁ ବେଳେ ଲାଗେ ! ସୂଚନାଯୋଗ୍ୟ, କର୍ଣ୍ଣାଟକାରେ ୨୮ଟି ଲୋକସଭା ଆସନ ଥିବା ବେଳେ ଏପ୍ରିଲ ୨୬ ଓ ମେ' ୭ରେ ଦୁଇଟି ପର୍ଯ୍ୟାୟରେ ଏଠାରେ ମତଦାନ ହେବ । ୧୪ଟିରେ ଏପ୍ରିଲ ୬ରେ ଓ ଅନ୍ୟ ୧୪ଟିରେ ମେ' ୭ରେ ମତଦାନ ହେବ । ବେଙ୍ଗାଲୁରୁରେ ଥିବା ୪ଟି ଲୋକସଭା ଆସନ ପାଇଁ ଏପ୍ରିଲ ୨୬ରେ ଭୋଟ୍ ଗ୍ରହଣ ହେବ ।

## ଜଳୁଛି ଓଡ଼ିଶା : ସାଢ଼େ ୧୧ରେ ...

୩୩.୫ ଓ ଗୋପାଳପୁରରେ ୩୨.୮ ଡିଗ୍ରୀ ରେକର୍ଡ ହୋଇଛି । ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ବାରିପଦାର ତାପମାତ୍ରା ସର୍ବାଧିକ ୩୭ ଡିଗ୍ରୀ ଥିବା ବେଳେ ବଲାଙ୍ଗିରରେ ୩୫.୪, ଭଦ୍ରକରେ ୩୫, ଯାଜପୁରରେ ୩୪.୮, ଭବାନୀପାଟଣାରେ ୩୪.୪, ଝାରସୁଗୁଡ଼ାରେ ୩୪.୪, କେନ୍ଦୁଝରରେ ୩୪, କଟକରେ ୩୪, ରାଉରକେଲାରେ ୩୩.୮, ଫୁଲବାଣୀରେ ୩୩.୬, ନୟାଗଡ଼ରେ ୩୩, ଟିଟିଲାଗଡ଼ରେ ୩୩ ଓ ଭୁବନେଶ୍ୱରରେ ୩୨.୬ ଡିଗ୍ରୀ ସେଲ୍ସିୟସ ରହିଥିଲା । ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲ୍ଲାର କିଛି ସ୍ଥାନରେ ଆଜି ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଦେଖାଦେଇପାରେ । ଅନ୍ୟପକ୍ଷରେ ଆଜି କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାରା ଗୋଟିଏ ବା ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ବିଜୁଳି ମାରିବା ସହିତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଚାଲିଥିଲା ଟ୍ରମ୍ପଙ୍କ ଶୁଣାଣି, କୋର୍ଟ ବାହାରେ ...

ଚେଷ୍ଟା କରିଥିଲା । ଉକ୍ତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଷ୍ଟ୍ରେଚରରେ ନିଆଯାଇଥିଲା । ତେବେ ହସ୍ପିଟାଲ ଯିବା ବାଟରେ ବ୍ୟକ୍ତି ଜଣଙ୍କର ମୃତ୍ୟୁ ହୋଇଛି । ସେପଟେ ଘଟଣାସ୍ଥଳରେ ଏକ ପାମ୍ପଲେଟ ପଡିଥିବା ମଧ୍ୟ ପୁଲିସ ପାଇଛି । ଏଥିରେ ବାଇଡେନ୍ ଓ ଟ୍ରମ୍ପ ପରସ୍ପର ମିଶିଛନ୍ତି । ଭ୍ରଷ୍ଟାଚାରକୁ ସାମ୍ନାକୁ ଆଣିବା ଉଚିତ ବୋଲି ଲେଖା ହୋଇଥିବା ଜଣାପଡିଛି । ତେବେ କେଉଁ କାରଣରୁ ଉକ୍ତ ବ୍ୟକ୍ତି ଜଣକ ଏଭଳି ଆତ୍ମାହୂତି ଦେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପଟେ ଡୋନାଲ୍ଡ ଟ୍ରମ୍ପ ନିଆଁ ଲଗାଇଥିବା ଯୁବକଙ୍କୁ ନେଇ କିଛି କହିନଥିବା ବେଳେ ଲାଞ୍ଚ ଟଙ୍କା ମାମଲାର ଶୁଣାଣିକୁ ସେ 'ଡସତ୍ତମଷ ଐଙ୍କଭସ୍ତ' ବୋଲି କହିଛନ୍ତି । ତାଙ୍କୁ ଷଡଯନ୍ତ୍ର କରି ଫସାଇବାକୁ ଚେଷ୍ଟା କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ନ୍ୟାୟିକ ପ୍ରଣାଳୀ ସହ ଯାହା ସବୁ ଘଟୁଛି ତାହା ବେଶ୍ ଅପମାନଜନକ ବୋଲି ଟ୍ରମ୍ପ କହିଛନ୍ତି । କହିରଖୁ ଯେ, ସୋମବାର ଟ୍ରମ୍ପଙ୍କ ମାମଲା ଶୁଣାଣିର ପ୍ରଥମ ଦିନ ଥିଲା । ଏହି ଦିନ ମ୍ୟାନହଟ୍ଟନ କୋର୍ଟ ପରିସରରେ କଡା ପୁଲିସ ସୁରକ୍ଷା ମଧ୍ୟରେ ବିକ୍ଷୋଭକାରୀ ଏବଂ ଦର୍ଶକଙ୍କ ଭିଡ ଜମିଥିଲା । ଏହାରି ଭିତରେ ଟ୍ରମ୍ପଙ୍କ ମାମଲାର ଶୁଣାଣି ପାଇଁ ଏକ ପ୍ୟାନେଲ ଗଠନ ହୋଇଛି । ଏହି ପ୍ୟାନେଲରେ ୧୨ ଜଣ ସଦସ୍ୟ ଅଛନ୍ତି । ପର୍ଣ୍ଣଷ୍ଟାର୍ ଷ୍ଟର୍ମି ଡେନିୟଲ୍ସଙ୍କ ସହ ଟ୍ରମ୍ପ ଏହି ମାମଲା ଜଡିତ । ଅଭିଯୋଗ ମୁତାବକ, ଟ୍ରମ୍ପ ଓ ଷ୍ଟର୍ମିଙ୍କ ସମ୍ପର୍କ ଥିଲା । ଏହି ତଥ୍ୟକୁ ଲୁଚାଇବା ପାଇଁ ୨୦୧୬ରେ ଷ୍ଟର୍ମିଙ୍କୁ ଟ୍ରମ୍ପ ଗୁପ୍ତ ରୂପେ ୩୦ ହଜାର ଡଲାର ଦେଇଥିଲେ । ତେବେ ଷ୍ଟର୍ମିଙ୍କ ସହ ସମ୍ପର୍କ ଥିବା ଖବରକୁ ଟ୍ରମ୍ପ ପୂର୍ବରୁ ଖଣ୍ଡନ କରି ଆସୁଛନ୍ତି ।

## 'ମୋ ପତ୍ନୀଙ୍କୁ ଟଏଲେଟ କ୍ଲିନର ...

ସେ ମୁନିର୍ଙ୍କୁ ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ । କହିରଖୁ ଯେ, ବୁଶରା ବିବି ନିକଟରେ ଏକ ଦୁର୍ନୀତି ମାମଲା ସମେତ ୭୧ ବର୍ଷୀୟ ଇମ୍ରାନଙ୍କ ସହ ତାଙ୍କର ଅବୈଧ ବିବାହ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏଥିପାଇଁ ତାଙ୍କୁ ଇସଲାମାବାଦ ସ୍ଥିତ ତାଙ୍କ ବଙ୍ଗଳା 'ବାନି ଗାଲା'ରେ ଗୃହବନ୍ଦୀ ଭାବେ ରଖାଯାଇଛି । ସେପଟେ ଗତ ବର୍ଷ ଅଗଷ୍ଟ ମାସରୁ ଅଦିୟାଲା ଜେଲରେ ବନ୍ଦୀ ଅଛନ୍ତି ଇମ୍ରାନ୍ ଖାନ୍ ।

## ପିନ୍‌କୋଡ୍ କୋରାପୁଟ ...

ମେଣ୍ଟା ଉଛନ୍ତି । ଗାଁର ସମସ୍ତେ ପ୍ରାୟ ଦାରିଦ୍ର୍ୟ ସୀମରେଖା ତଳେ ଅଛନ୍ତି । ଏହି ଗାଁରୁ ପଞ୍ଚାୟତ କାର୍ଯ୍ୟାଳୟ ଚେଇପଦରକୁ ଦୂରତା ୩୦ କିମି ଓ ବ୍ଲକ୍ ମୁଖ୍ୟାଳୟ କାଶିପୁରକୁ ୭୦ କିମି । ଏହି ଗାଁର ଲୋକଙ୍କୁ ଭତ୍ତା କିମ୍ବା ପିଡିଏସ ସାମଗ୍ରୀ ଆଣିବା ପାଇଁ ୩୦ କିମି ଯିବାକୁ ପଡୁଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ମିଳୁଥିବା ମାଗଣା ଚାଉଳ ପାଇଁ ମଧ୍ୟ ସେମାନେ ଗାଡ଼ି ଭଡ଼ା କରି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି । ଏହାସହ ବୃଦ୍ଧବୃଦ୍ଧାମାନେ ଭତ୍ତା ପାଇଁ ଗାଡ଼ି ଭଡ଼ା କରି ଯାଉଛନ୍ତି । ଅନ୍ୟପକ୍ଷରେ ଗମ୍ଭାରୀଗୁଡ଼ା ଗାଁ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ମୁଖ୍ୟାଳୟଠାରୁ ୩ କିମି ଦୂରରେ ରହିଛି । ତେଣୁ ସେମାନେ ସମସ୍ତ କାର୍ଯ୍ୟ ପାଇଁ ଦଶମନ୍ତପୁର ଉପରେ ଭରସା କରୁଛନ୍ତି । ବଜାର ସଉଦା, ସ୍ୱାସ୍ଥ୍ୟ, ଶିକ୍ଷା ଆଦି କାର୍ଯ୍ୟ ପାଇଁ ଦଶମନ୍ତପୁରକୁ ଯିବାକୁ ପଡୁଛି । ଏପରିକି ସେମାନଙ୍କ ଚାଷ ଜମି ଗୁଡିକ ଦଶମନ୍ତପୁର ତହସିଲ ଅଧିନରେ ଆସୁଥିବାରୁ ଏଠାରେ ଖଜଣା ପୈଠ କରିଥାନ୍ତି ।

## ନିର୍ବାଚନୀ ବିଗୁଲ ବଜାଇବା ପାଇଁ ...

ରଖିବା ପାଇଁ ସେ ଆସୁଛନ୍ତି । ସେଠାରେ ଏକ ବିଶାଳ ଜନ ସଭା ଆୟୋଜନ କରାଯିବ । ସେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ତା'ପରେ ସେ ଭୁବନେଶ୍ୱର ଆସିବେ । ସନ୍ଧ୍ୟା ବେଳେ ନିର୍ବାଚନ ରଣନୀତି ସମ୍ପର୍କରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିବେ । ରାତିରେ ସେ ଭୁବନେଶ୍ୱରରେ ରହିବେ । ତେଣୁ ଆମେ ଉତ୍ସାହିତ ଅଛୁ । ଓଡ଼ିଶାରେ ବିଜେପିର ସରକାର ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀର କଣ୍ଟାବାଞ୍ଜିରେ ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି । ସେହି ସଂସଦୀୟ କ୍ଷେତ୍ରର ସୋନପୁରକୁ ଆସୁଛନ୍ତି ଅମିତ ଶାହ । ସେ ସେଠାରେ ସାଧାରଣ ସଭାରେ ଉଦ୍ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ନେଇ ପଶ୍ଚିମ ଓଡ଼ିଶାର ନେତାଙ୍କ ଭିତରେ ଉତ୍ସାହ ଦେଖାଦେଇଛି ।

# ଯାଜପୁରରେ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ପ୍ରତି ସମର୍ଥନ ଓ ସମବେଦନା

**ଭୁବନେଶ୍ୱର(ଏନ୍.ଏମ୍.) :** ଯାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ଜନତା ପାର୍ଟିର ଲୋକସଭା ପାର୍ଥୀ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରାଙ୍କର ସପକ୍ଷରେ ଜନସାଧାରଣଙ୍କ ମଧ୍ୟରେ ବିପୁଳ ସମର୍ଥନ ଏବଂ ବ୍ୟାପକ ସମବେଦନା ପ୍ରକାଶ ପାଉଥିବାର ଲକ୍ଷ୍ୟ କରାଯାଉଛି । ଯୁବ, ଶିକ୍ଷିତ, ମହିଳା, ଚାଷୀ, ଗରିବ, ଗୁରୁବା, ତଫସିଲ ଭୁକ୍ତ ଜାତି ଓ ଜନଜାତିର ଭୋଟଦାତା ମାନଙ୍କର ପ୍ରଚଣ୍ଡ ଆସ୍ଥା ଓ ପ୍ରଚୁର ଆଶୀର୍ବାଦ ବଳରେ ଜୀବନର ପ୍ରଥମ ନିର୍ବାଚନୀ ଯୁଦ୍ଧରେ ଡ଼ଃ ବେହେରା ଜୀତାପଟ ହାସଲ କରିବାର ସମ୍ଭାବନା ଉଜ୍ଜ୍ୱଳ ଥିବା ଜଣାଯାଉଛି । ବିଶେଷକରି ଡ଼ଃ ବେହେରାଙ୍କର ସ୍ୱଚ୍ଛ ଭାବମୂର୍ତ୍ତି, ସତେଜ ଚେହେରା, ସଚ୍ଚୋଟ ଆଚରଣ, ଭଦ୍ର ବ୍ୟବହାର, ମିଷ୍ଟଭାଷୀ ସ୍ୱଭାବ, ମେଳାପୀ ପ୍ରକୃତି, କଷ୍ଟସହିଷ୍ଣୁ ପ୍ରବୃତ୍ତି, ପରୋପକାରୀ ମନୋଭାବ, ଉଦାରମନା ଚରିତ୍ର, ମାନବିକ ଆଚାର ଏବଂ ସର୍ବୋପରି ଗରିବଙ୍କ ପ୍ରତି ଦରଦୀ ଦୃଷ୍ଟିଭଙ୍ଗୀକୁ ଆବାଳ ବୃଦ୍ଧବନିତା ପସନ୍ଦ କରୁଛନ୍ତି । ନିଜ ନିର୍ବାଚନ ମଣ୍ଡଳୀର ଭୋଟଦାତା ମାନଙ୍କର ଆଶା ଓ ଆକାଂକ୍ଷାକୁ ଚରିତାର୍ଥ କରିବାକୁ ସେ ସମର୍ଥ ହେବେ ବୋଲି ଦମ୍ଭ ପ୍ରକାଶ କରି ଡ଼ଃ ବେହେରା, ଯାଜପୁର ବାସୀଙ୍କ ପାଇଁ ତାଙ୍କର ଦ୍ୱାର ସଦା ସର୍ବଦା ଖୋଲା ରହିବ ବୋଲି ଘୋଷଣା କରିଛନ୍ତି । ବ୍ୟାପକ ମାତ୍ରାରେ ଦୁର୍ନୀତି ଯାଜପୁରର ବିକାଶରେ ସବୁଠାରୁ ବଡ଼ ବାଧକ ସାଜିଥିବା ଡ଼ଃ ବେହେରା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ଏଠାକାର ଅନ୍ୟାନ୍ୟ ଗୁରୁତର ସମସ୍ୟା ଗୁଡିକ ମଧ୍ୟରେ ତଫସିଲ ଭୁକ୍ତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକମାନଙ୍କୁ ସରକାରୀ ଯୋଜନା ମାନଙ୍କର ସୁଫଳରୁ ବଞ୍ଚିତ କରାଯିବା, ସମଗ୍ର ଜିଲ୍ଲାରେ ଥିବା ମନ୍ଦିର ଗୁଡିକ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯିବା, ଆବଶ୍ୟକୀୟ ବଜାର ଓ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ସେମାନଙ୍କର ଫସଲର ଉପଯୁକ୍ତ ମୂଲ୍ୟ ନପାଇବା, ସ୍ଥାନୀୟ ଯୁବକ ଯୁବତୀ ମାନେ ଉତ୍କଟ ବେକାରୀ ପରିସ୍ଥିତିର ଶୀକାର ହେବା ଏବଂ ଜିଲ୍ଲାରେ ସ୍ନାତକୋତ୍ତର ତଥା କୌଶଳଯୁକ୍ତ ଶିକ୍ଷାର ସୁବିଧା ନଥିବା ଆଦି ଅନ୍ତର୍ଭୁକ୍ତ ବୋଲି ସେ ସୁଚାଇଛନ୍ତି । ନିର୍ବାଚିତ ହେବାପରେ ଡ଼ଃ ବେହେରା ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକର ଆଶୁ ସମାଧାନ ପାଇଁ ପ୍ରାଧାନ୍ୟର ସହିତ ଧ୍ୟାନ ଦେବେ ବୋଲି କହିଛନ୍ତି । ଏହା ସହିତ ଯାଜପୁର ସହରକୁ ରେଳପଥ ଦ୍ୱାରା ସଂଯୋଗ କରାଯିବା ଏବଂ ରତ୍ନଗିରି ଠାରେ ବୌଦ୍ଧକୀର୍ତ୍ତି ଓ ନୌବାଣିଜ୍ୟ ଐତିହ୍ୟ ଆଧାରିତ ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଦିଗରେ ସେ ଅଗ୍ରାଧିକାର ଭିତ୍ତିରେ କେନ୍ଦ୍ର ସରକାରଙ୍କର ଧ୍ୟାନ ଆକର୍ଷଣ କରିବେ ବୋଲି ଡ଼ଃ ବେହେରା ଉଲ୍ଲେଖ କରିଛନ୍ତି । ଏବେ ନିଜ ନିର୍ବାଚନ ମଣ୍ଡଳୀ ର କୋଣ ଅନୁକୋଣରେ ବଡ଼ିଭୋରରୁ ରାତିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଘମାଘୋଟ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଥିବା ଡ଼ଃ ବେହେରାଙ୍କର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାର ଦେଖାଯାଉଛି । ପ୍ରସୁଲପୁର ବ୍ଲକର ହାଟସାହି ଗ୍ରାମ ନିବାସୀ, ଡ଼ଃ ବେହେରା ଜଣେ ଗାଁ ପୁଅ ହୋଇ ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ ଇନଫରମେଟିକ୍ସ ସେଣ୍ଟରର ବରିଷ୍ଠ ନିର୍ଦ୍ଦେଶକ ଭାବରେ ନିଜର ଅସାଧାରଣ ପ୍ରତିଭା ଓ ଅସାମାନ୍ୟ ପାରଦର୍ଶୀତା ବଳରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଜାତୀୟ ସ୍ତରରେ ଯେଉଁଭଳି ଆକାଶଚୁମ୍ବୀ କୀର୍ତ୍ତିମାନ ଅର୍ଜନ କରିଛନ୍ତି, ତାହା ସମଗ୍ର ଯାଜପୁର ବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ତାଙ୍କର ପ୍ରଶଂସକମାନେ ଦର୍ଶାଉଛନ୍ତି । ନିପଟ ମଫସଲର ଜଣେ ନିମ୍ନ ମଧ୍ୟବିତ୍ତ ଅନୁସୂଚିତ ଜାତି ପରିବାରରେ ଜନ୍ମଗ୍ରହଣ କରିଥିବାରୁ ଡ଼ଃ ବେହେରାଙ୍କର ତୃଣମୂଳ ସ୍ତରରେ ଲୋକମାନଙ୍କର ଅଭାବ, ଅସୁବିଧା ତଥା ସେଗୁଡିକର ଦୂରୀକରଣର ପନ୍ଥା ସମ୍ପର୍କରେ ବ୍ୟକ୍ତିଗତ ସ୍ତରରେ ଅଭିଜ୍ଞତା ରହିଥିବା କଥା ଭୋଟଦାତା ମାନଙ୍କର ମନକୁ ଛୁଉଁଛି ।

# ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ପୂଜ୍ୟପୂଜା ସମ୍ମାନ ସମାରୋହ




**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସୁପୁର ସ୍ଥିତ ମା' ବାସନ୍ତୀ ଦୁର୍ଗା ପୂଜା ମଣ୍ଡପ ପ୍ରାଙ୍ଗଣରେ ରାଜ୍ୟର ଅଗ୍ରଣୀ ସାମାଜିକ ସାଂସ୍କୃତିକ ତଥା ସେବା ଅନୁଷ୍ଠାନ 'ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ'ର ୪୫ତମ ବାର୍ଷିକ ଉତ୍ସବ ତଥା ପୂଜ୍ୟପୂଜା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରି ସଭାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ଅଧ୍ୟାପକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ସମସ୍ତ ସାମାଜିକ ଓ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ଭଗବାନ ବିଶ୍ୱାଳ ଯୋଗଦାନ କରି ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଓ ସେବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରି କେନ୍ଦ୍ରାପଡା ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ ବଜ୍ର ଶପଥ ନେଇ ଥିଲେ ଏବଂ ଗ୍ରାମର ସମସ୍ତ ଝିଅ ଓ ବିବାହିତା ଝିଆଣି ମାନଙ୍କୁ ଏକତ୍ରିତ କରି ଭଉଣୀଚାରାର ଉତ୍ସର୍ବ ପାଳନ କରାଯାଇଥିଲା । ପ୍ରତିବର୍ଷ ଭଳି ଟ୍ରଷ୍ଟ ଦିବ୍ୟାଙ୍ଗ ମାନଙ୍କ ନିରନ୍ତର ସେବା ନିମନ୍ତେ କେନ୍ଦ୍ରାପଡାର ଅଗ୍ରଣୀ ସେବା ଅନୁଷ୍ଠାନ ପୁର୍ନବାସକୁ 'କେନ୍ଦ୍ରାପଡା ରତ୍ନ' ସମ୍ମାନରେ ସମ୍ମାନିତ କରିବା ସହିତ ମାନପତ୍ର, ଟ୍ରଫି ଓ ଦଶହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ବିଶିଷ୍ଟ ଆଇନଜିବୀ ବିଚିତ୍ରାନନ୍ଦ ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କୁ 'କେନ୍ଦ୍ରାପଡା ବରପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା । 'କେନ୍ଦ୍ରାପଡା ଗୌରବ' ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ତଥା ଗବେଷକ ଡ. ନିଳମଣୀ ଲେଙ୍କା, ବିଶିଷ୍ଟ କବି ତଥା ଶିକ୍ଷାବିତ ଡ. ଆଲୋକ କୁମାର ରାୟ, ପଦାର୍ଥ ବିଜ୍ଞାନ ଗବେଷକ ପ୍ରାଧ୍ୟାପକ ଡ଼. ପ୍ରଭାତ ରଞ୍ଜନ ଲେଙ୍କା, କବୟତ୍ରୀ ତୁହିନା ମିଶ୍ର, ସମାଜ ସେବା ଓ ମହିଳା ସଶକ୍ତିକରଣ ନିମନ୍ତେ ଉପମା କୁମାରୀ ବିଶ୍ୱାଳ, ସାମ୍ବାଦିକତା କ୍ଷେତ୍ରରେ ପରେଶ ଚନ୍ଦ୍ର ଦାସ, କ୍ରୀଡାବିତ ଏବଂ ଯୋଗ ଗୁରୁ ଭରତ କୁମାର ସାହୁଙ୍କୁ ଉପଢୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ସୁରେଶ ଚନ୍ଦ୍ର ଦାସଙ୍କୁ 'କେନ୍ଦ୍ରାପଡା ଶିଳ୍ପିକଳା' ସମ୍ମାନରେ ସମ୍ମାନୀତ କରାଯାଇଥିଲା । ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଶ୍ରୀ ବିଶ୍ୱାଳଙ୍କ ମାନବବାଦୀ ଚିନ୍ତାଧାରାକୁ ଶତ ପ୍ରଶଂସା କରି ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାନ ବିଶ୍ୱାଳ, ଦୀପ୍ତି ରଞ୍ଜନ ବିଶ୍ୱାଳ, ବୈଲୋଚନ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ ଓ ଅଶୋକ ବିଶ୍ୱାଳ ପ୍ରଭୃତି ସହଯୋଗ କରିଥିଲେ । ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସଭ୍ୟ କେଶବ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ସଂଯୋଜକ ଅଧ୍ୟାପକ ଡ. ହିମାଂଶୁ ପରିଡା ସଭା ସଂଯୋଜନା କରିଥିଲେ ।

## ପାନୀୟ ଜଳ ପାଇଁ ଡହଳ ବିକଳ ଯାତ୍ରୀ : ରାଇରଙ୍ଗପୁର ରେଳ ଷ୍ଟେସନ ଶୌଚାଳୟରେ ପଡ଼ିଛି ତାଲା

# ସଫେଇ କର୍ମଚାରୀ ନଥିବାରୁ ସଫା ହୋଇପାରୁନି : ଷ୍ଟେସନ ମାଷ୍ଟର



**ରାଇରଙ୍ଗପୁର(ଏନ୍.ଏମ୍.) :** ରାଇରଙ୍ଗପୁର ରେଳ ଷ୍ଟେସନକୁ ପ୍ରତ୍ୟେକ ଦିନ ୩ଟି ଟ୍ରେନ୍ ଟାଟାନଗରରୁ ବାଦାମପାହାଡ, ଗୋଟିଏ ଟ୍ରେନ୍ ବାଦାମପାହାଡରୁ ରାଉରକେଲା ଏବଂ ଅଂଚଳରେ ଥିବା ଲୁହାଖଣିରୁ ଲୁହାପଥର ନେବା ପାଇଁ ୱାଗନ ମଧ୍ୟ ଆସିଥାଏ । ଫଳରେ ଏହି ରେଳପଥ ଚକ୍ରଧରପୁର ଡିଭିଜନକୁ ବାର୍ଷିକ ପ୍ରାୟ ଶହ ଶହ କୋଟିରୁ ରାଜସ୍ୱ ପ୍ରଦାନ କରୁଥିବା ବେଳେ ଦକ୍ଷିଣ-ପୂର୍ବ ରେଳବାଇର ଉଚ୍ଚ କର୍ତୃପକ୍ଷ ଏହା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସୁଥିବାର ବହୁବର୍ଷରୁ ଅଭିଯୋଗ ହୋଇଆସୁଛି । ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନ କରୁଥିବା ରାଇରଙ୍ଗପୁର ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଏମସିଏଲ୍ ପକ୍ଷରୁ ନୂତନ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରାଯାଇଛି । କିନ୍ତୁ ସେଥିରେ ତାଲା ପଡ଼ିଥିବାରୁ ଯାତ୍ରୀଙ୍କ କାମରେ ଆସୁନାହିଁ । ଏହା ବ୍ୟତୀତ ରେଳ ବିଭାଗ ପକ୍ଷରୁ ମଧ୍ୟ ଅନ୍ୟ ଏକ ଶୌଚାଳୟ ନିର୍ମାଣ ହୋଇଛି । ସେଥିରେ ମଧ ତାଲା ପଡ଼ିଥିବା ଦେଖିବାକୁ ମିଳୁଛି । ଏଣୁ ଯାତ୍ରୀମାନେ ଷ୍ଟେସନ ପାର୍ଶ୍ୱରେ ଏଣେତେଣେ ମଳତ୍ୟାଗ କରୁଛନ୍ତି । ଫଳରେ ଷ୍ଟେସନ ଅଂଚଳ ଦୂଷିତ ହୋଇପଡିଛି । ସ୍ୱଚ୍ଛ ଭାରତ ଅଭିଯାନ ମଧ୍ୟ ଫେଲ ମାରିଛି । ବିଶେଷ କରି ମହିଳା ଯାତ୍ରୀମାନେ ଅଧିକ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ତେବେ ନୂତନ କରି ନିର୍ମାଣ ହୋଇଥିବା ଶୌଚାଳୟରେ କାହିଁକି ତାଲା ପଡିଛି ? ସେସମ୍ବନ୍ଧରେ ଷ୍ଟେସନ ମାଷ୍ଟର ଏସ୍.ପ୍ରସାଦଙ୍କୁ ପଚାରି ବୁଝିବାରୁ ସଫେଇ କର୍ମଚାରୀ ନଥିବାରି ଉକ୍ତ ସଫାସୁତୁରା ହୋଇ ପାରୁନି ବୋଲି କହିଛନ୍ତି ଏବଂ ପାନୀୟ ଜଳ ସମସ୍ୟା ସମ୍ବନ୍ଧରେ ସେ ଅବଗତ ନଥିବା କହିଛନ୍ତି । ଯାତ୍ରୀମାନଙ୍କ କହିବା ଅନୁଯାୟୀ ଉକ୍ତ ଶୌଚାଳୟକୁ କେବଳ ରେଳ ବିଭାଗର କର୍ମଚାରୀ ବ୍ୟବହାର କରୁଛନ୍ତି । ଯଥାଶୀଘ୍ର ଷ୍ଟେସନର ଶୌଚାଳୟକୁ ଯାତ୍ରୀମାନଙ୍କୁ ବ୍ୟବହାର କରିବାକୁ ଦିଆଯାଉ ବୋଲି ଯାତ୍ରୀମାନେ ଦାବି କରିଛନ୍ତି । ରେଳ ଷ୍ଟେସନରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ ଠପ୍ ହୋଇଯାଇଥିବାରୁ ୪୫ ଡିଗ୍ରିରୁ ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ଏହା ବ୍ୟତୀତ ଉକ୍ତ ଷ୍ଟେସନରେ ରାତ୍ରୀ ସମୟରେ ଲାଇଟ ଜଳୁନଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି । ନିର୍ଭୟରେ ଉକ୍ତ ଷ୍ଟେସନରେ ମଦ ପିଉଥିବା ଓ ଜୁଆ ଖେଳୁଥିବା ଅଭିଯୋଗ ହୁଏ ।

# ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ହାର ବୃଦ୍ଧି ପରିପ୍ରେକ୍ଷୀରେ ଜନ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର(ଏନ୍.ଏମ୍.) :** 'ମଇ ୨୫ ରେ ନିଶ୍ଚୟ ଯିବି, ନିଜ ବୁଥରେ ଭୋଟ ଦେବି' । 'ଗଣତନ୍ତ୍ରର ଏ ମହାନ ପର୍ବ, ଭୋଟ ଦେଇ ମୁଁ କରିବି ଗର୍ବ' । ଏମିତି ସ୍ଲୋଗାନ ଦେଇ ଆଜି ସକାଳ ୬ଟାରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଛକଠାରୁ ବାହାରି ଥିଲା ଏକ ବିଶାଳ ୱାକାଥନ ( ଗଣ ପଦଯାତ୍ରା) । ଉଦ୍ଦେଶ୍ୟ ଥିଲା, ଚଳିତ ସାଧାରଣ ନିର୍ବାଚନରେ ପ୍ରତ୍ୟେକ ଭୋଟରଙ୍କୁ, ମତଦାନ କେନ୍ଦ୍ରରେ ସେମାନଙ୍କର ମତ ସାବ୍ୟସ୍ତ କରିବା ପାଇଁ ସଚେତନ କରିବା । କାରଣ ବିଶେଷ କରି ରାଜଧାନୀ ସହରାଞ୍ଚଳରେ ଅଧିକ ସଚେତନ, ଶିକ୍ଷିତ ନାଗରିକ ବାସ କରୁଥିଲେ ମଧ୍ୟ, ମତଦାନ ହାର ଗ୍ରାମାଞ୍ଚଳ ଅପେକ୍ଷା ସବୁବେଳେ କମ୍ ରହୁଥିବା ଅତୀତରୁ ପରିଲକ୍ଷିତ ହୋଇଛି । ଏପରିକି ମତଦାନ ହାର ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ କମ୍ ରହୁଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି ) ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆଗାମୀ ସାଧାରଣ ନିର୍ବାଚନରେ ମତଦାନ ହାର ବୃଦ୍ଧି ପରିପ୍ରେକ୍ଷୀରେ ଏପରି ଜନ ସଚେତନତା କାର୍ଯ୍ୟକ୍ରମ କରାଯାଉଅଛି । "ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ" (ଏସ୍.ଭି.ଇ.ଇ.ପି)ର ଅଂଶ ବିଶେଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଭୋଟରଙ୍କୁ ସାମିଲ କରାଯିବା ସହ ପ୍ରତ୍ୟେକ ମତଦାତା ଯେପରି ନିଶ୍ଚିତ ଭାବେ ନିଜ ନିଜର ମତଦାନ କେନ୍ଦ୍ରରେ ଭୋଟ ଦେବେ, ସେଥିପାଇଁ ଲୋକମାନଙ୍କୁ ସଚେତନ କରାଇବାକୁ ପାଇଁ ବିଏମ୍ସି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସୃଜନଶୀଳ ଜନସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି । ଉକ୍ତ ସଚେତନତା ରଣନୀତିର ଏକ ଅଂଶ ସ୍ୱରୂପ ଆଜି ଆୟୋଜିତ ହୋଇଥିଲା ମେଗା ୱାକଥନ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ନିକୁଞ୍ଜ ବିହାରୀ ଧଳ, ବିଏମ୍ସି କମିଶନର ରାଜେଶ ପ୍ରଭାକର ପାଟିଲ, ପୋଲିସ କମିଶନର ସଂଜୀବ ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସମେତ ବିଏମ୍ସି ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ମୁଖ୍ୟଅତିଥିଙ୍କ ସମେତ ଅନ୍ୟାନ୍ୟ ଅତିଥିମାନଙ୍କୁ ବିଏମ୍ସି କମିଶନର ରାଜେଶ ପ୍ରଭାକର ପାଟିଲ ସ୍ୱାଗତ କରିଥିଲେ । ୱାକଥନର ଶୁଭାରମ୍ଭ କରିବା ପୂର୍ବରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଅତିଥିମାନଙ୍କ ସହିତ ଉପସ୍ଥିତ ଅଂଶଗ୍ରହଣକାରୀମାନେ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଆୟୋଜିତ ଏକ 'ସିଗ୍‌ନେଚର କ୍ୟାମ୍ପେନ୍' ରେ ନିଜ ନିଜର ଭୋଟର ସଚେତନତା ବାର୍ତ୍ତା ଲେଖିବା ସହ ଭାରତୀୟ ଗଣତନ୍ତ୍ରରେ ଭୋଟ ଦେବା ଏକ ଅଧିକାର ଏବଂ ଏହାର ଅନୁପାଳନ କରିବାକୁ ଶପଥ ନେଇଥିଲେ । ରାଜ୍ୟରେ ଏକ ମୁକ୍ତ, ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶୃଙ୍ଖଳାପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇ ଭାରତୀୟ ଗଣତନ୍ତ୍ରକୁ ଋଦ୍ଧିମନ୍ତ କରିବା ପାଇଁ ମୁଖ୍ୟଶାସନ ସଚିବ ସମବେତ ସମସ୍ତ ନାଗରିକଙ୍କୁ 'ମତଦାତାଙ୍କ ସଂକଳ୍ପ' ପାଠ କରାଇଥିଲେ । ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ଯୁବକ ଯୁବତୀମାନଙ୍କୁ ମୁଖ୍ୟଅତିଥି ଶ୍ରୀ ଜେନାଙ୍କ ସହ ଅନ୍ୟ ଅତିଥିମାନେ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଭାରତୀୟ ନିର୍ବାଚନ କମିଶନ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶାଙ୍କ ପ୍ରୟାସରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ନିର୍ବାଚନ ପ୍ରକ୍ରିୟାରେ ଯେତେ ଅଧିକରୁ ଅଧିକ ମତଦାତାମାନେ ଅଂଶଗ୍ରହଣ କରିବେ, ଗଣତନ୍ତ୍ର ଅଧିକ ସୁଦୃଢ ହେବ । କେବଳ ସାଧାରଣ ନାଗରିକ ନୁହଁନ୍ତି, ଲୋକସେବା ଭବନ, ବିଭିନ୍ନ ସରକାରୀ ନିର୍ଦ୍ଦେଶାଳୟ ସମେତ ସମସ୍ତ ସରକାରୀ ଦପ୍ତର ଓ ବେସରକାରୀ ଅନୁଷ୍ଠାନରେ ବିଭିନ୍ନ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ଆଦିର ସହଯୋଗରେ ବିଭିନ୍ନ ଉପାୟରେ ଭୋଟରମାନଙ୍କୁ ସଚେତନ କରାଯାଉଥିବା ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପ୍ରକାଶ କରିଥିଲେ । ଭୋଟରମାନଙ୍କ ଦ୍ୱାରା ମତଦାନ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପକୁ ସ୍ୱାଗତ କରିବା ସହ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳ ରେ ମଧ୍ୟ ଭୋଟରମାନେ ବହୁ ସଂଖ୍ୟାରେ ମତଦାନ କରିବା ଆବଶ୍ୟକ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି । ସେ ପୁଣି କହିଛନ୍ତି ଯେ, ମତଦାନ ହେଉଛି ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରର ଏକ ମହାନ ପର୍ବ । ଏହି ପର୍ବରେ ପ୍ରତ୍ୟେକ ଭୋଟର ସାମିଲ ହେବା ଦରକାର । ସମସ୍ତେ ମତଦାନ କଲେ, ଗଣତନ୍ତ୍ର ସୁଦୃଢ ହେବା ସହ ଦେଶ ସଶକ୍ତ ହେବ । ମୁଖ୍ୟତଃ ଯେଉଁମାନେ ଭୋଟଦାନରୁ ବିରତ ରହୁଛନ୍ତି, ସେହିମାନଙ୍କୁ ସଚେତନ କରାଇବା ସହ ସେମାନେ ଯେପରି ନିଶ୍ଚିତ ଭାବେ ମତଦାନ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବେ, ସେଥିପାଇଁ ଶିକ୍ଷିତ ଓ ସଚେତନ ନାଗରିକମାନେ ପ୍ରୟାସ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ମାଷ୍ଟର କ୍ୟାଣ୍ଟିନ୍ ଛକ ଠାରେ ମୁଖ୍ୟ ଅତିଥି ଶ୍ରୀ ଜେନା ପତାକା ଦେଖାଇ ୱାକଥନର ଶୁଭାରମ୍ଭ କରିଥିଲେ । ଏହି ୱାକଥନ ମାଷ୍ଟର କ୍ୟାଟିନ ଛକଠାରୁ ବାହାରି ଶ୍ରୀୟା ଛକ, କେନ୍ଦ୍ରୀୟ ବିଦ୍ୟାଳୟ ପାଖ ଦେଇ ସତ୍ୟ ନଗରସ୍ଥିତ ବିଏମ୍ସି ମୁଖ୍ୟାଳୟ( ବିଏମସି ଆଇସିଓଏମସି ଟାୱାର) ଠାରେ ପହଁଚିଥିଲା । ଯୋଗ୍ୟ ଭୋଟରମାନେ କିପରି ଗଣତାନ୍ତ୍ରିକ ମହତ୍ୱକୁ ବୁଝି ଚଳିତ ନିର୍ବାଚନରେ ନିଜ ନିଜର ମତଦାନ କେନ୍ଦ୍ରରେ ଭୋଟ ଦେବେ, ସେହି ଉଦ୍ଦେଶ୍ୟରେ ୱାକାଥନ ମାଧ୍ୟମରେ ସଚେତନ କରାଯାଇଥିଲା । ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ନାଗରିକଙ୍କ ଯୋଗଦାନରେ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଭିନ୍ନ ଆବାସିକ କଲ୍ୟାଣ ସଂଘ, ବରିଷ୍ଠ ନାଗରିକ, ମାର୍କେଟ ଆସୋସିଏସନ, ଯୁବ ଭୋଟର, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବିଏମ୍ସି କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ୱାକଥନରେ ସ୍ୱତନ୍ତ୍ର ବେଶ ପୋଷାକ ପରିଧାନ କରି ଲୋକମାନଙ୍କୁ ସଚେତନ କରାଇଥିଲେ । ଏହାପରେ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ସମସ୍ତେ ବିଏମସିର ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଣ ପଦଯାତ୍ରା କରି ପ୍ଲା-କାର୍ଡ ପ୍ରଦର୍ଶନ, ସ୍ଲୋଗାନ ଓ ଭୋଟର ଜାଗରଣ ସଂଗୀତ ମାଧ୍ୟମରେ ବାର୍ତ୍ତା ପ୍ରଚାର ସହ ନାଗରିକମାନଙ୍କୁ ନିଶ୍ଚିତ ଭାବେ ମତଦାନ କରି ମତଦାନ ହାର ବଢ଼ାଇବା ଆଦି ସଂପର୍କରେ ସଚେତନତା ସୃଷ୍ଟି କରିଥିଲେ ।




# ଟୋକିଓ ଅଲିମ୍ପିକ୍ସ ସମ୍ବନ୍ଧରେ ବଡ ଖୁଲାସା: ଚାଇନାର ଡୋପିଂ ପଜିଟିଭ୍ ଖେଳାଳିମାନେ ଜିତିଥିଲେ ସ୍ୱର୍ଣ୍ଣ ପଦକ



**ନୂଆଦିଲ୍ଲୀ (ଏଜେନ୍ସି) :** ଟୋକିଓ ଅଲିମ୍ପିକ୍ସ ସମ୍ବନ୍ଧରେ ଏକ ବଡ଼ ଖୁଲାସା କରାଯାଇଛି । ନ୍ୟୁୟର୍କ ଟାଇମ୍ସ ଦାବି କରିଛି ଯେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ପ୍ରାୟ ୭ ମାସ ପୂର୍ବରୁ ୨୩ ଜଣ ଚାଇନାର ସନ୍ତରଣକାରୀ ଡୋପିଂ ପରୀକ୍ଷାରେ ପଜିଟିଭ୍ ଆସିଥିଲେ । ବିଶେଷ କଥା ହେଉଛି ଏହି ଖେଳାଳିଙ୍କ ମଧ୍ୟରୁ ୬ ଜଣ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଚୀନ୍ର ବରିଷ୍ଠ ଅଧିକାରୀଙ୍କ ଅନୁମୋଦନ ପରେ ତାଙ୍କୁ ଅନୁସନ୍ଧାନରୁ ସୁରକ୍ଷିତ ରଖାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟରେ କୁହାଯାଇଛି ଡୋପିଂ ପଜିଟିଭ୍ ଖେଳାଳିମାନଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଥିଲା । କ୍ରୀଡ଼ାରେ ଡ୍ରଗ୍ ନିୟନ୍ତ୍ରଣ ପାଇଁ ବିଶ୍ୱ କର୍ତ୍ତୃପକ୍ଷ ମଧ୍ୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଖେଳାଳୀମାନଙ୍କ ମଧ୍ୟରୁ ପ୍ରାୟ ଅଧା ଡୋପିଂ ପରୀକ୍ଷାରେ ପଜିଟିଭ୍ ଥିଲେ । ଅନେକ ଆଥଲେଟ୍ ମଧ୍ୟ ତିନୋଟି ସ୍ୱର୍ଣ୍ଣ ସମେତ ଅନ୍ୟାନ୍ୟ ପଦକ ଜିତିଥିଲେ । ରିପୋର୍ଟ ଅନୁଯାୟୀ, ଏଥିରେ ଦୁଇଥର ସ୍ୱର୍ଣ୍ଣପଦକ ବିଜେତା ୱାଙ୍ଗ ୟୁଫେଇଙ୍କ ସମେତ ଅନେକ ସନ୍ତରଣକାରୀଙ୍କ ନାମ ରହିଛି । କୁହାଯାଉଛି ଯେ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଅନେକ ଆଥଲେଟ୍ ଚାଇନା ପାଇଁ ଖେଳୁଥିଲେ । ସେମାନେ ଚଳିତ ବର୍ଷ ଜୁଲାଇ-ଅଗଷ୍ଟରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ମଧ୍ୟ ଭାଗ ନେବେ । ନ୍ୟୁୟର୍କ ଟାଇମ୍ସ ଏ ବାବଦରେ ୬୧ ପୃଷ୍ଠାର ଅନୁସନ୍ଧାନ ରିପୋର୍ଟକୁ ପ୍ରକାଶ କରିଛି । କୁହାଯାଉଛି ଯେ ଆଥଲେଟମାନଙ୍କଠାରେ ଟ୍ରାଇମେଟାଜିଡାଇନ୍ ଔଷଧର ନମୁନା ମିଳିଥିଲା । ଏହି ଔଷଧ ସହନଶକ୍ତି ବୃଦ୍ଧି ଏବଂ ରିକଭରିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ । ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ଚୀନ୍ ପଦକ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଥିଲା । ଚାଇନାର ଆଥଲେଟ୍ମାନେ ଚମତ୍କାର ପ୍ରଦର୍ଶନ କରି ୮୯ ପଦକ ଜିତିଥିଲେ । ସେଥିମଧ୍ୟରେ ୩୮ ଟି ସ୍ୱର୍ଣ୍ଣ , ୩୨ଟି ରୌପ୍ୟ ଏବଂ ୧୯ଟି ବ୍ରୋଞ୍ଜ ପଦକ ରହିଥିଲା ।

# ଭିନେଶ ଫୋଗାଟଙ୍କୁ ମିଳିଲା ଅଲିମ୍ପିକ୍ସ ଟିକେଟ୍



**ନୂଆଦିଲ୍ଲୀ(ଏଜେନ୍ସି) :** ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମସରେ ଭାରତର ପାଇଁ ସ୍ୱର୍ଣ୍ଣ ଜିତିଥିବା ଷ୍ଟାର ରେସଲର ଭିନେଶ ଫୋଗାଟଙ୍କୁ ମିଳିଛି ଅଲିମ୍ପିକ୍ସ ଟିକେଟ । ସେ ମହିଳା ବର୍ଗର ୫୦ କେଜି ବର୍ଗରେ ଚଳିତ ବର୍ଷ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସରେ ଲଢ଼େଇ କରିବେ ବୋଲି ଜଣାପଡ଼ିଛି । ଆଜି ଯୋଗ୍ୟତା ପର୍ଯ୍ୟାୟର ସେମି ଫାଇନାଲରେ ଭିନେଶ କାଜାଖସ୍ତାନର ଲାଉରା ଗାନିକୟାଜଙ୍କୁ ୧୦-୦ରେ ପରାସ୍ତ କରିଛନ୍ତି । ସେ ଫାଇନାଲରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ଅଲିମ୍ପିକ୍ସ ଟିକେଟ ମିଳି ଯାଇଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆ ଗେମ୍ସ ଚାମ୍ପିୟନ ସେମି ଫାଇନାଲ ଲଢ଼େଇକୁ ମାତ୍ର ୪.୧୮ ମିନିଟରେ ଟେକ୍ନିକାଲ ସୁପେରିଓଟୀ ଜରିଆରେ ଜିତି ନେଇଛନ୍ତି । ଏବେ ଫାଇନାଲ ମ୍ୟାଚରେ ତାଙ୍କର ଲଢ଼େଇ ଉଜବେକିସ୍ତାନର ଆକତେଙ୍ଗେ କେଉନିମଜାଏଭାଙ୍କ ସହ ହେବ । ଆକତେଙ୍ଗେ ଚାଇନିଜ ତାଇପେଇର ମେଙ୍ଗ ହସୁଆନଙ୍କ ୪:୨ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି । ବିଗତ ୨ ବର୍ଷ ହେଲା ଭିନେଶ କୁସ୍ତିରୁ ଦୂରେଇ ରହିଥିଲେ । ସେ ଓ ଦେଶର ଆଉ କିଛି ଷ୍ଟାର ରେସଲର କୁସ୍ତି ମହାସଂଘର ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ବିକ୍ଷୋଭ କରୁଥିଲେ । ବ୍ରିଜ ଭୂଷଣ ଅନେକ ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା ।

# ରାହୁଲ ଓ ଗାଏକ୍ୱାଡଙ୍କ ଉପରେ ଲାଗିଲା ମୋଟା ଅଙ୍କର ଜୋରିମାନା



**ଲକ୍ଷ୍ନୌ (ଏଜେନ୍ସି) :** ଲକ୍ଷ୍ନୌ ସୁପର ଜାଏଣ୍ଟର ଅଧିନାୟକ କେଏଲ ରାହୁଲ ଓ ଚେନ୍ନାଇ ସୁପର କିଙ୍ଗସର ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ଉପରେ ଲାଗିଛି ମୋଟ ଅଙ୍କର ଜୋରିମାନା । ଲକ୍ଷ୍ନୌରେ ଗତକାଲି ଖେଳା ଯାଇଥିବା ମ୍ୟାଚ୍ ଉଭୟ ଦଳ ଧିମା ବୋଲିଂ କରିଥିଲେ । ତେଣୁ ସ୍ଲୋ ଓଭର ରେଟ୍ ପାଇଁ ବିସିସିଆଇ ଉଭୟଙ୍କ ଉପରେ ୧୨ ଲକ୍ଷ ଟଙ୍କା ଲେଖାଏ ଜୋରିମାନା ଲଗାଇଛି । ଘରୋଇ ପରିବେଶରେ ଖେଳୁଥିବା ଲକ୍ଷ୍ନୌ ବେଶ ସହଜରେ ଚେନ୍ନାଇକୁ ଗତକାଲି ୮ ୱିକେଟରେ ପରାସ୍ତ କରିଥିଲା । କିନ୍ତୁ ମନ୍ଥର ବୋଲିଂ ହାର ପାଇଁ ଉଭୟ ଦଳର ଅଧିନାୟକଙ୍କ ଉପରେ ଫାଇନ୍ ଲାଗୁ କରାଯାଇଛି । ପ୍ରଥମଥର ପାଇଁ ରାହୁଲ ଓ ଗାଏକ୍ୱାଡଙ୍କ ଦଳ ମନ୍ଥର ବୋଲିଂ ମାମଲାର ସାମ୍ନା କରିଛନ୍ତି । ଏହା ଆଇପିଏଲର ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଛି । ତଥାପି ପ୍ରଥମଥର ପାଇଁ ଏପରି ହୋଇଥିବାରୁ ରାହୁଲ ଓ ଗାଏକ୍ୱାଡଙ୍କ ଉପରେ ୧୨ ଲକ୍ଷ ଟଙ୍କା ଲେଖାଏ ଜୋରିମାନା ଲାଗୁ କରାଯାଇଛି । ଆଗକୁ ଏପରି ଘଟଣା ଘଟିଲେ ଅଧିନାୟକଙ୍କ ସମେତ ପୂରା ଟିମ ଉପରେ ଜୋରିମାନା ଲାଗୁ କରାଯିବ ବୋଲି ବିସିସିଆଇ ଗୋଟିଏ ବିବୃତିରେ କହିଛି । ଲକ୍ଷ୍ନୌରେ ଖେଳା ଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୧୭୬ ରନ୍ ସଂଗ୍ରହ କରିଥିଲା ଚେନ୍ନାଇ ସୁପର କିଙ୍ଗସ । ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ରବୀନ୍ଦ୍ର ଜାଡେଜାଙ୍କ ଅପରାଜିତ ୫୭ ମହେନ୍ଦ୍ର ସିଂହ ଧୋନିଙ୍କ ଅପରାଜିତ ୨୮ ଓ ମୋଇନ ଅଲୀଙ୍କ ୩୦ ରନ ବଳରେ ଦଳ ଗୋଟିଏ ଚ୍ୟାଲେଞ୍ଜିଂ ସ୍କୋର କରି ପାରିଥିଲା । କିନ୍ତୁ କେଏଲ ରାହୁଲଙ୍କ ୮୨, କ୍ୱିଣ୍ଟନ ଡି'କକଙ୍କ ୫୪ ରନ ବଳରେ ଲକ୍ଷ୍ନୌ ୬ ବଲ ପୂର୍ବରୁ ମାତ୍ର ୨ଟି ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ।

# ସିଲି ପଏଣ୍ଟ୍: ସୁପର ଯୋଡ଼ି ଋତ୍କର୍ଷାଙ୍କ କ୍ରିକେଟ୍ ସମ୍ପର୍କ




**ଚେନ୍ନାଇ(ଏଜେନ୍ସି) :** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ଅଧିନାୟକ ଋତୁରାଜ ଗାଏକ୍ୱାଡ ଖାଲି ପଡ଼ିଆରେ ଦଳରେ ନେତୃତ୍ୱ ନେଉନାହାନ୍ତି । ସେ ନିଜର ବିଳାସପୂର୍ଣ୍ଣ ଜୀବନର ମଧ୍ୟ ନେତୃତ୍ୱ ନେଉଛନ୍ତି । ଏହି ଉଦୀୟମାନ ତାରକାଙ୍କ ପ୍ରେମକାହାଣୀ ତାଙ୍କ ବ୍ୟାଟିଂ ହାରରେ ପ୍ରଭାବ ପକାଇଛି । ଗତବର୍ଷ ସିଏସ୍କେ ଆଇପିଏଲ୍ ଜିତିବା ପରେ ଋତୁରାଜ ତାଙ୍କ ବାନ୍ଧବୀ ଉତ୍କର୍ଷା ପାୱାରଙ୍କୁ ବିବାହ କରିଥିଲେ । ଋତକର୍ଷା ନାମରେ ପରିଚିତ ଏହି ସୁପର ଯୋଡ଼ିଙ୍କ କ୍ରିକେଟ୍ ରୋମାନ୍ସର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏହି ଭିଡିଓରେ ଋତକର୍ଷା ସିଏସ୍କେର ଚ୍ୟାଲେଞ୍ଜକୁ ଗ୍ରହଣ କରି ପରସ୍ପର ବିପକ୍ଷରେ ବ୍ୟାଟିଂ କରୁଛନ୍ତି । ଋତୁରାଜଙ୍କୁ ବିଜୟ ପାଇଁ ୬ ବଲ୍ରୁ ୧୦ ରନ୍ ଆବଶ୍ୟକ ରହିଛି । କିନ୍ତୁ ଫଳାଫଳ ଉତ୍କଣ୍ଠାପୂର୍ଣ୍ଣ ଟାଇରେ ଶେଷ ହୋଇଛି । ସୂଚନାଯୋଗ୍ୟ, ୨୦୨୦ରୁ ଋତୁରାଜ ସିଏସ୍କେରେ ସାମିଲ ହେବା ପରଠାରୁ ୨୦୨୧ ଓ ୨୦୨୩ରେ ଆଇପିଏଲ୍ ବିଜେତା ହେବାର ସୌଭାଗ୍ୟ ପାଇଛନ୍ତି । ୨୦୨୧ରେ ସେ କମଳା ଟୋପି ମଧ୍ୟ ହାତେଇଥିଲେ ।

# ଭର୍ଷ୍ଟାପେନ୍ ଜିତିଲେ ଚାଇନିଜ୍ ଗ୍ରାଁ ପ୍ରି




**ସାଂଘାଇ(ଏଜେନ୍ସି) :** ତିନି ଥର ବିଶ୍ୱବିଜେତା ରେଡ୍ ବୁଲ୍ ରେସର୍ ମ୍ୟାକ୍ସ ଭର୍ଷ୍ଟାପେନ୍ ଚାଇନିଜ୍ ଗ୍ରାଁ ପ୍ରିରେ ବିଜେତା ଆଖ୍ୟା ଅର୍ଜନ କରିଛନ୍ତି । ସାଂଘାଇ ଅନ୍ତର୍ଜାତୀୟ ସର୍କିଟ୍ରେ ଆୟୋଜିତ ଏହି ୧୯ ଲ୍ୟାପ୍ ବିଶିଷ୍ଟ ଗ୍ରାଁ ପ୍ରିରେ ଭର୍ଷ୍ଟାପେନ୍ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମର୍ସିଡିଜ୍ର ଲୁଇସ୍ ହାମିଲଟନ୍ଙ୍କୁ ୧୩.୦୪୩ ସେକେଣ୍ଡ୍ରେ ପଛରେ ପକାଇ ବିଜେତା ଟ୍ରଫି ଜିତି ନେଇଥିଲେ । ଏହି ବିଜୟ ସହ ତୃତୀୟ ସ୍ଥାନରେ ରହିଥିବା ସାଥୀ ରେସର୍ ସର୍ଗିଓ ପେରେଜ୍ଙ୍କଠାରୁ ଚାମ୍ପିଅନ୍ସିପ୍ ପଏଣ୍ଟ୍ ବ୍ୟବଧାନକୁ ୧୫କୁ ବଢ଼ାଇଛନ୍ତି । ଏହି ଘଟଣା ବହୁଳ ରେସ୍ରେ ମ୍ୟାକଲରିନ୍ ଦଳର ଲାଣ୍ଡୋ ନୋରିସ୍ ପୋଲ୍ ପୋଜିସନ୍ରୁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥିଲେ । ହେଲେ ମୁଖ୍ୟ ରେସ୍ ବେଳେ ଖରାପ କରି ଷଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଥିଲେ । ଅନ୍ୟପକ୍ଷରେ ଚତୁର୍ଥ ସ୍ଥାନରୁ ମୁଖ୍ୟ ରେସ୍ ଆରମ୍ଭ କରିବା ସତ୍ତ୍ୱେ ଭର୍ଷ୍ଟାପେନ୍ ଚମତ୍କାର କାର୍ ଚାଳନାର ପରିଚୟ ଦେଇ ପ୍ରଥମ ସ୍ଥାନରେ ରହିଥିଲେ । ୭ଥର ବିଶ୍ୱ ବିଜେତା ହାମିଲଟନ୍ ଦ୍ୱିତୀୟ ସ୍ଥାନରେ ରହିବା ସତ୍ତ୍ୱେ ନିଜ ପ୍ରଦର୍ଶନରେ ସନ୍ତୋଷ ଜାହିର କରିଛନ୍ତି । ରତୁର ପ୍ରଥମ ଟପ୍ ଥ୍ରୀ ଫିନିସ୍ ପାଇଥିବାରୁ ମୁଁ ବହୁତ ଖୁସି ବୋଲି ରେସ୍ ପରେ ଏକ ସାକ୍ଷାତକାରରେ କହିଛନ୍ତି ହାମିଲଟନ୍ ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ବିସିସିଆଇ




**ମୁମ୍ବାଇ(ଏଜେନ୍ସି) :** ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବିସିସିଆଇ । ଗୁରୁବାର ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍ ଶେଷ ହେବା ମାତ୍ରେ ବିସିସିଆଇ ଗୋଟିଏ ବିବୃତି ଜାରି କରି ପାଣ୍ଡ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦେଇଛି । ବିସିସିଆଇର ସୂଚନା ଅନୁଯାୟୀ, ପାଣ୍ଡ୍ୟା ଆଇପିଏଲ ୨୦୨୪ରେ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି । ଧିମା ଓଭର ରେଟ୍ ପାଇଁ ତାଙ୍କ ଉପରେ ଜୋରିମାନା ଲାଗୁ କରାଯାଇଛି । ସେହିପରି ବିସିସିଆଇ ପାଣ୍ଡ୍ୟାଙ୍କୁ ଭବିଷ୍ୟତରେ ଏମିତି ନ କରିବାକୁ ତାଗିଦ ମଧ୍ୟ କରିଛି । ହାର୍ଦ୍ଦିକଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଧାର୍ଯ୍ୟ ସମୟ ମଧ୍ୟରେ ୨୦ ଓଭର ବୋଲିଂ ଶେଷ କରି ପାରି ନଥିଲା । ଏଥିପାଇଁ ଅଧିନାୟକ ଭାବେ ପାଣ୍ଡ୍ୟାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଫାଇନ ଲାଗିଛି । ବିସିସିଆଇ କହିଛି ଯେ ପ୍ରଥମଥର ପାଇଁ ପାଣ୍ଡ୍ୟା ଧିମା ଓଭର ରେଟ୍ ମାମଲାରେ ଫସିଛନ୍ତି । ତେଣୁ ତାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଫାଇନ ଲାଗୁ କରାଯାଉଛି । ଯଦି ଭବିଷ୍ୟତରେ ଏପରି ଧାରା ଜାରି ରହେ, ତା'ହେଲେ ପାଣ୍ଡ୍ୟାଙ୍କ ସହ ମୁମ୍ବାଇ ଟିମର ଅନ୍ୟ ଖେଳାଳିଙ୍କ ଉପରେ ମଧ୍ୟ ଜୋରିମାନା ଲାଗୁ କରାଯାଇ ପାରେ । ଅନ୍ୟପକ୍ଷରେ ଗତକାଲି ମ୍ୟାଚକୁ ବିଚାରକୁ ନେଲେ, ମୁମ୍ବାଇ ବେଶ ରୋମାଞ୍ଚକର ଢଙ୍ଗରେ ପଞ୍ଜାବକୁ ୯ ରନରେ ହରାଇ ଦେଇଛି । ୧୯୩ ରନର ପିଛା କରୁଥିବା ପଞ୍ଜାବ ୧୪ ରନରେ ୪ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । କିନ୍ତୁ ଶଶାଙ୍କ ସିଂହ ୨୫ ବଲରେ ୪୧ ଓ ଆଶୁତୋଷ ଶର୍ମା ୨୮ ବଲରେ ୬୧ ରନର ଇନିଂସ ଖେଳି ମୁମ୍ବାଇ ହାତରୁ ମ୍ୟାଚ୍ ଛଡ଼ାଇ ଆଣିବାକୁ ଚେଷ୍ଟା କରିଥିଲେ । ହେଲେ ମୁମ୍ବାଇ ବେଶ ଚମତ୍କାର ପ୍ରଦର୍ଶନ କରିବା ସହ ପଞ୍ଜାବକୁ ୧୮୩ ରନରେ ଅଟକାଇ ଦେଇଥିଲା ।

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ
ନିଷ୍କର୍ଷ
NISHKARSHA
ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ
ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...
ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...
nishkarsha.com

# ଧୋନିଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଏହି ରେକର୍ଡର ଅଧିକାରୀ ହେଲେ ରୋହିତ




**ନୂଆଦିଲ୍ଲୀ(ଏଜେନ୍ସି) :** ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ତଥା ଓପନର ରୋହିତ ଶର୍ମା ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି । ସେ ଆଇପିଏଲ ଇତିହାସର ଦ୍ୱିତୀୟ ଖେଳାଳି ଭାବେ ୨୫୦ ମ୍ୟାଚ୍ ଖେଳିବାର ଗୌରବ ହାସଲ କରିଛନ୍ତି । ଆଜି ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍ରେ ରୋହିତ ବ୍ୟାଟିଂ କରିବାକୁ ଆସିବା ମାତ୍ରେ ତାଙ୍କ ନାଁରେ ଏହି ରେକର୍ଡ ଯୋଡ଼ି ହୋଇ ଯାଇଛି । ଆଜି ସେ ଆଇପିଏଲରେ ତାଙ୍କର ୨୫୦ତମ ମ୍ୟାଚ ଖେଳିଛନ୍ତି । ରୋହିତଙ୍କ ପୂର୍ବରୁ ଆଇପିଏଲରେ ମହେନ୍ଦ୍ର ସିଂହ ଧୋନି ଏକମାତ୍ର ଖେଳାଳି ଭାବେ ୨୫୦ ମ୍ୟାଚ୍ ଖେଳିବାର କୀର୍ତ୍ତିମାନ ହାସଲ କରିଥିଲେ । ୨୦୧୩ରୁ ରୋହିତ ମୁମ୍ବାଇର ଅଧିନାୟକ ଥିଲେ । କିନ୍ତୁ ୨୦୨୪ ଆଇପିଏଲ ପୂର୍ବରୁ ତାଙ୍କୁ ଏହି ପଦରୁ ହଟାଇ ଦିଆଯାଇଥିଲା । ଏବେ ସେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ୟାପ୍ଟେନ୍ସିରେ ମ୍ୟାଚ୍ ଖେଳୁଛନ୍ତି । ଏହି ସିଜିନରେ ରୋହିତ ଦମଦାର ବ୍ୟାଟିଂ କରିବା ସହ ଗୋଟିଏ ଶତକ ମଧ୍ୟ ହାସଲ କରି ସାରିଛନ୍ତି । ଧୋନି ଓ ରୋହିତ ଶର୍ମାଙ୍କ ପରେ ଆଇପିଏଲରେ ସର୍ବାଧିକ ମ୍ୟାଚ୍ ଖେଳିବା ତାଲିକାରେ ଦୀନେଶ କାର୍ତ୍ତିକ ରହିଛନ୍ତି । ଆଜିର ମ୍ୟାଚ୍ ପୂର୍ବରୁ କାର୍ତ୍ତିକ ଓ ରୋହିତଙ୍କ ମ୍ୟାଚ୍ ସଂଖ୍ୟା ୨୪୯ ଥିଲା । ରୋହିତ ଆଜି ୨୫୦ତମ ମ୍ୟାଚ୍ ଖେଳିଛନ୍ତି । ଏମାନଙ୍କ ପଛକୁ ୪ର୍ଥ ସ୍ଥାନରେ ରନ ମେସିନ ବିରାଟ କୋହଲି ରହିଛନ୍ତି । ସେ ୨୪୪ଟି ଆଇପିଏଲ ମ୍ୟାଚ ଖେଳିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଇପିଏଲରେ କେବଳ ୧୦ ଜଣ ଖେଳାଳି ୨୦୦ କିମ୍ବା ତା'ଠାରୁ ଅଧିକ ମ୍ୟାଚ୍ ଖେଳିଛନ୍ତି । ଆଉ ସେମାନେ ସମସ୍ତେ ଭାରତୀୟ । ଅନ୍ୟପକ୍ଷରେ ବିଦେଶୀ ଖେଳାଳି ଭାବେ ଆଇପିଏଲରେ ସର୍ବାଧିକ ମ୍ୟାଚ୍ ଇଣ୍ଡିଜ ତାରକା କାଏରନ ପୋଲାର୍ଡ ଖେଳିଛନ୍ତି । ସେ ୧୮୯ ମ୍ୟାଚ୍ ଖେଳିଥିବା ବେଳେ ୧୮୪ ମ୍ୟାଚ୍ ସହ ଏବି ଡିଭିଲିୟର୍ସ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ରୋହିତ ଶର୍ମା ଆଜି ୨୫ ବଲରେ ୩୬ ରନ କରି ଆଉଟ ହୋଇ ଯାଇଛନ୍ତି । ଏହାପୂର୍ବରୁ ସେ ୨୪୯ ମ୍ୟାଚ୍ରେ ମୋଟ ୬୪୭୨ ରନ କରିଥିଲେ । ଆଇପିଏଲ ଇତିହାସର ସେ ଅନ୍ୟତମ ବିରଳ ଖେଳାଳି ଯିଏ ଶତକ ମାରିବା ସହ ବୋଲିଂରେ ହ୍ୟାଟ୍ରିକ ହାସଲ କରିଛନ୍ତି । ଶର୍ମାଙ୍କ ବ୍ୟତୀତ ଶେନ ୱାଟସନ ଓ ସୁନିଲ ନାରିନ ମଧ୍ୟ ଏପରି ବିରଳ ରେକର୍ଡ କରିଛନ୍ତି ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ